ବର୍ଷ-୨୬, ସଂଖ୍ୟା-୧୬୧
ଭୁବନେଶ୍ୱର
୧୫, ଜୁନ, ୨୦୨୬, ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 161
Bhubaneswar
15, June, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

**ଛୁଟି ଘୋଷଣା**

ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ମହାଭାରତ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୮ତାରିଖ ପ୍ରକାଶ ପାଇବ।
- ପରିଚାଳକ

## ମା'କୁ ହତ୍ୟା କଲା ପିଶାଚ ପୁଅ

**ଭଦ୍ରକ,୧୪।୬(ମହାଭାରତ):** ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ, ଜନ୍ମକଲା ମା'କୁ ବିଭତ୍ସ ହତ୍ୟା କଲା ପିଶାଚ ପୁଅ। ଯେଉଁଠି ସାରା ଓଡ଼ିଶା ଆଜି ରଜ ପର୍ବର ଆନନ୍ଦ ଉଲ୍ଲାସରେ ବୁଡ଼ି ରହିଛି, ସେଭଳି ସମୟରେ ସାମ୍ନାକୁ ଆସିଛି ଏକ ହୃଦୟ ବିଦାରକ ଖବର। ପାରିବାରିକ କଳହରୁ ଜନ୍ମ କଲା ମା'କୁ ବିଭତ୍ସ ଭାବେ ହତ୍ୟା କରିଛି ପୁଅ। ରବିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ। ବନ୍ତ ଥାନା ଅନ୍ତର୍ଗତ କିରିଣା ଗୁଡ଼ିଆ ସାହିରେ ଘଟିଛି ଏହି ସାଂଘାତିକ କାଣ୍ଡ କ୍ଷ ଗ୍ରାମର ଗଦାଧର ସାହୁଙ୍କ ପତ୍ନୀ ମମତା ସାହୁଙ୍କୁ ତାଙ୍କ ନିଜ ପୁଅ ପ୍ରିତମ ସାହୁ ନିର୍ମମ ଭାବେ ହତ୍ୟା କରିଛି। ଅଭିଯୁକ୍ତ ପୁଅ ପ୍ରିତମର ବୟସ ମାତ୍ର ୨୫ ବର୍ଷ ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଏବଂ କେଉଁ କାରଣ ପାଇଁ ପୁଅ ଏଭଳି ଚରମ ନିଷ୍ପତ୍ତି ନେଲା, ସେ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରାଥମିକ ସୂଚନା ମୁତାବକ, ପାରିବାରିକ କଳହ ଯୋଗୁଁ ହିଁ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଏହି ଜଘନ୍ୟ ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବନ୍ତ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୁବକ ପ୍ରିତମ କୁ କାବୁ କରି ତା ନିକଟରୁ କୁରାଢ଼ୀକୁ ମଧ ଜବତ୍ କରିଛି ଓ ପୋଲିସ ଥାନାକୁ ଆଣି ଅଧିକ ପଚରାଉଚରା ଜାରି ରଖିଛି। ପବିତ୍ର ରଜ ପର୍ବରେ ଏଭଳି ଏକ ବିଭତ୍ସ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଜନ୍ମକଲା ମା'କୁ ପୁଅ କାହିଁକି ହତ୍ୟା କଲା, କ'ଣ ଥିଲା ସେହି ପାରିବାରିକ ବିବାଦ, ଏହା ପଛରେ ଅନ୍ୟ କିଛି କାରଣ ରହିଛି କି ସେ ସମସ୍ତ ଦିଗ ଉପରେ ବନ୍ତ ଥାନା ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ୭ ଦିନ କାଳବୈଶାଖୀ ସମ୍ଭାବନା

**ଭୁବନେଶ୍ୱର,୧୪।୬ (ମହାଭାରତ):** କାଳବୈଶାଖୀ ସମ୍ଭାବନା ନେଇ ଆଗାମୀ ୭ ଦିନ ଅର୍ଥାତ୍ ୧୪ ତାରିଖ ସକାଳ ଠାରୁ ଆସନ୍ତା ୨୧ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ। ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ଆଗାମୀ ୨୪ ଘଂଟା ପାଇଁ ୧୩ ଜିଲ୍ଲା (ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡା, ଜଗତସିଂହପୁର, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ। ଅନୁରୂପ ଭାବେ ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ୧୫ ତାରିଖ ସକାଳ ଠାରୁ ୧୬ ତାରିଖ ସକାଳ ସୁଦ୍ଧା ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର,୧୪।୬ (ମହାଭାରତ):** ରଜ ପର୍ବକୁ ନେଇ ଉତ୍ସବମୁଖର ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ସହରର ବିଭିନ୍ନ ସ୍ଥାନରେ ଦୋଳି, ପୋଡ଼ପିଠା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଚାଲିଥିବା ବେଳେ ପର୍ବ ସମୟରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରଜ ମହୋତ୍ସବକୁ ନେଇ ରାଜଧାନୀର ବିଭିନ୍ନ ଅଂଚଳରେ ଜୋରଦାର ପ୍ରସ୍ତୁତି ଚାଲିଛି। ସାଜସଜ୍ଜା, ଦୋଳି ଏବଂ ସାଂସ୍କୃତିକ ମଂଚ ପ୍ରସ୍ତୁତିରେ ଆୟୋଜକ ଓ ସ୍ଥାନୀୟ ବାସିନ୍ଦାମାନେ ବ୍ୟସ୍ତ ଥିବାବେଳେ ଚାରିଆଡ଼େ ପର୍ବର ଉତ୍ସାହ ଓ ଆନନ୍ଦର ପରିବେଶ ଦେଖିବାକୁ ମିଳୁଛି। ତେବେ ପର୍ବପର୍ବାଣୀ ସମୟରେ ଭିଡ଼ର ସୁଯୋଗ ନେଇ ଚୋରି, ଲୁଟ୍ ଏବଂ ସୁନା ଅଳଙ୍କାର ଛିନତାଇ ଭଳି ଅପରାଧ ଘଟିବାର ଆଶଙ୍କାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ସହରର ପ୍ରମୁଖ ସ୍ଥାନ ଏବଂ ଯେଉଁ ସବୁ ପଡ଼ିଆରେ ରଜ ମହୋତ୍ସବ ପାଳନ କରାଯାଉଛି, ସେଠାରେ ସିସିଟିଭି ମାଧ୍ୟମରେ ନିରନ୍ତର ନଜରଦାରି କରାଯିବ। ଏହାସହ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ସାଧା ପୋଷାକଧାରୀ ପୋଲିସ କର୍ମଚାରୀଙ୍କୁ ମଧ୍ୟ ମୁତୟନ କରାଯିବ। ବିଶେଷକରି ଚନ୍ଦ୍ରଶେଖରପୁର ଅଂଚଳରେ ୪ରୁ ୫ଟି ସ୍ଥାନରେ ବୃହତ୍ ଆକାରରେ ରଜ ମହୋତ୍ସବ ଆୟୋଜିତ ହେବାକୁ ଥିବାରୁ ସେହି ଅଂଚଳରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି।

# ଭାରତ ଇନୋଭେଟ୍ସ ଉଦଘାଟିତ




**ନୂଆଦିଲ୍ଲୀ,୧୪।୬ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଆଜି ନାଇସ୍ ସହରସ୍ଥିତ ପାଲାଇସ୍ ଡେସ୍ ଏକ୍ସପୋଜିସନ୍ସରେ ମିଳିତ ଭାବରେ "ଭାରତ ଇନୋଭେଟ୍ସ ୨୦୨୬"ର ଉଦଘାଟନ କରିଛନ୍ତି। ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତର ଡିପ୍-ଟେକ୍ ଷ୍ଟାର୍ଟ-ଅପ୍ସ, ନବସୃଜନକାରୀ, ଗବେଷକ ଏବଂ ନିବେଶକମାନଙ୍କୁ ବିଶ୍ୱ ନବସୃଜନ ପାଣ୍ଠି ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଏହା ବିଶ୍ୱ ସ୍ତରରେ ଭାରତର ଅଗ୍ରଣୀ ଡିପ-ଟେକ୍‌ର ପ୍ରଦର୍ଶନ କରିଥାଏ ତଥା ୧୩ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି କ୍ଷେତ୍ରରେ ୧୨୦ ଉନ୍ନତ ଷ୍ଟାର୍ଟଅପ୍, ୨୦ରୁ ଅଧିକ ଉତ୍କର୍ଷ ପ୍ରତିଷ୍ଠାନର ଉପସ୍ଥାପିତ କରିଥାଏ। ବିଶ୍ୱର ୩୫୦ରୁ ଅଧିକ ଶ୍ରେଷ୍ଠ ନିବେଶକ ଏବଂ ଭେଞ୍ଚର କ୍ୟାପିଟାଲିଷ୍ଟ ମଧ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରନଙ୍କୁ ତାଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଭାରତ ଏବଂ ଫ୍ରାନ୍ସ ଉଭୟ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦୃଢ଼ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ସେ ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ଭାରତ-ଫ୍ରାନ୍ସ ମିଳିତ ପଦକ୍ଷେପ, ଏବଂ କୃତ୍ରିମ ବୁଦ୍ଧିମତ୍ତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷା ପ୍ରୋତ୍ସାହନ କ୍ଷେତ୍ରରେ ଆଲୋକପାତ କରିଥିଲେ। ପାଳନ ହେଉଥିବା ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ କଲ୍ୟାଣ ପାଇଁ କାମ କରିବା ପାଇଁ ଉଭୟ ଦେଶର ମିଳିତ ସଂକଳ୍ପରେ 'ଭାରତ ଇନୋଭେଟ୍ସ' ଆଉ ଏକ ମାଇଲଖୁଣ୍ଟ। ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବକୁ ଉଲ୍ଲେଖ କରି ସେ ଗ୍ରାମୀଣ ବିକାଶ ପାଇଁ ଏଆଇ ଏବଂ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ସମ୍ଭାବନା, ସ୍ଥାୟୀ ଜୀବନଯାପନ ପାଇଁ ଉନ୍ନତ ଉତ୍ପାଦନ, ଏବଂ ସ୍ୱଚ୍ଛ ବିକାଶ ପାଇଁ ସବୁଜ ହାଇଡ୍ରୋଜେନ୍, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଏବଂ ବୈଦ୍ୟୁତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡିଜିଟାଲ୍ ଯୁଗରେ ଚାଲିଥିବା ପ୍ରଯୁକ୍ତିବିଦ୍ୟା ବିପ୍ଳବ ମାନବଜାତି ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ, ସେ 'ଭାରତ ଇନୋଭେଟ୍ସ'ରେ ଏକତ୍ରିତ ହୋଇଥିବା ଉଦ୍ଭାବକ, ନିବେଶକ ଏବଂ ଉଦ୍‌ଯୋଗୀମାନଙ୍କୁ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଆହ୍ୱାନ କରିଥିଲେ ଯାହା ନିର୍ଭରଯୋଗ୍ୟ, ସମାବେଶୀ ଏବଂ ମାନବ-କେନ୍ଦ୍ରିକ ହୋଇଥିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟ-ଅପ୍ ଗୁଡ଼ିକୁ କେବଳ ସେମାନଙ୍କର ବଜାର ମୂଲ୍ୟାଙ୍କନ ଦ୍ୱାରା ନୁହେଁ, ବରଂ ମାନବଜାତି ଉପରେ ସେମାନଙ୍କର ପ୍ରଭାବ ଦ୍ୱାରା ମଧ ମୂଲ୍ୟାଙ୍କନ କରାଯିବା ଉଚିତ। ଏହା ପରେ ଉଭୟ ନେତା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ବିଭିନ୍ନ ଅଗ୍ରଣୀ କ୍ଷେତ୍ରର ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ। 'ଭାରତ ଇନୋଭେଟ୍ସ' ଭାରତକୁ ଏକ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି।

## ଚାମେଲି ଓଝା ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ନବୀନ

**ଭୁବନେଶ୍ୱର,୧୪।୬ (ମହାଭାରତ):** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ପଂଚାୟତର ସରପଂଚ ଚାମେଲି ଓଝାଙ୍କ ସହ ଘଟିଥିବା କଥିତ ଦୁର୍ବ୍ୟବହାର ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ଜରିଆରେ ସେ ଘଟଣାକୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମହିଳା ସମ୍ମାନ ପ୍ରତି ଆଘାତ ବୋଲି ବର୍ଣ୍ଣନା କରିଛନ୍ତି।



ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ଲୋକଙ୍କ ସମସ୍ୟା ଓ ଦାବି ଉଠାଇବା ପାଇଁ ଆଗକୁ ଆସିଥିବା ଜଣେ ନିର୍ବାଚିତ ମହିଳା ସରପଂଚଙ୍କ ଉପରେ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ସର୍ବସମ୍ମୁଖରେ ହୋଇଥିବା କଥିତ ଅତ୍ୟାଚାର ଅତ୍ୟନ୍ତ ନିନ୍ଦନୀୟ ଏବଂ ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ।

ସେ କହିଛନ୍ତି ଯେ, ସରପଂଚଙ୍କ ସ୍ୱରକୁ ଦମନ କରିବା ପାଇଁ ସରକାର ସବୁ ସ୍ତରରେ ଉଦ୍ୟମ କରୁଥିବା ପରି ଚିତ୍ର ସ୍ପଷ୍ଟ ହେଉଛି। ମହିଳା ସଶକ୍ତିକରଣ ଓ 'ନାରୀ ଶକ୍ତି ବନ୍ଦନ'ର କଥା କହୁଥିବା ବିଜେପି ସରକାରଙ୍କ କାର୍ଯ୍ୟକଳାପ ସହ ଏହା ସାମଞ୍ଜସ୍ୟ ରଖୁନଥିବା ବୋଲି ସେ ମତ ପ୍ରକାଶ କରିଛନ୍ତି।

ବିରୋଧୀ ଦଳ ନେତା ଆହୁରି କହିଛନ୍ତି ଯେ, ଯଦି ଜଣେ ମହିଳା ସରପଂଚ ନିଜ ପଂଚାୟତର ଦାବି ଉଠାଇ ଏପରି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ତେବେ ରାଜ୍ୟର ସାଧାରଣ ମହିଳାମାନଙ୍କ ସ୍ଥିତି ସହଜରେ ଅନୁମାନ କରାଯାଇପାରେ।

ନବୀନ ପଟ୍ଟନାୟକ ଏହି ଅବସରରେ ବିଜେପି ନେତାମାନଙ୍କ ଦ୍ୱାରା ପୂର୍ବରୁ ସରକାରୀ କାର୍ଯ୍ୟାଳୟରେ ଘଟିଥିବା ବିଭିନ୍ନ ବିବାଦୀୟ ଘଟଣାର ଉଲ୍ଲେଖ କରି ସେମାନଙ୍କ ବିରୋଧରେ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ଆଇନର ପ୍ରୟୋଗ ସମସ୍ତଙ୍କ ପାଇଁ ସମାନ କି ନୁହେଁ, ସେ ନେଇ ମଧ ପ୍ରଶ୍ନ କରିଛନ୍ତି।

**ତୃଣମୂଳ କଂଗ୍ରେସରେ ସଂକଟ**

## ବିଦ୍ରୋହୀ ଶିବିରରେ ୨୨ ସାଂସଦ



**କୋଲକାତା,୧୪।୬ (ମହାଭାରତ):** ତୃଣମୂଳ କଂଗ୍ରେସରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ବିଦ୍ରୋହୀ ସାଂସଦ କାକୋଲି ଘୋଷ ଦସ୍ତିଦାର ଦାବି କରିଛନ୍ତି ଯେ ଲୋକସଭାରେ ତାଙ୍କ ଶିବିରର ଶକ୍ତି ବୃଦ୍ଧି ପାଇ ବର୍ତ୍ତମାନ ୨୨ ଜଣ ସାଂସଦଙ୍କର ସମର୍ଥନ ମିଳିଛି। ସେ କହିଛନ୍ତି ଯେ ଆହୁରି ଦୁଇଜଣ ସାଂସଦ ଖୁବଶୀଘ୍ର ତାଙ୍କ ଗୋଷ୍ଠୀରେ ସାମିଲ ହେବେ, ଯାହାଫଳରେ ଏହି ଶିବିର ଆହୁରି ସୁଦୃଢ଼ ହେବ। ରବିବାର ନୂଆଦିଲ୍ଲୀ ଗସ୍ତ ପୂର୍ବରୁ କୋଲକାତା ବିମାନବନ୍ଦରରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି କାକୋଲି ଘୋଷ ଦସ୍ତିଦାର କହିଥିଲେ ଯେ ବାଗୀ ସାଂସଦମାନଙ୍କର ଏକ ପ୍ରତିନିଧି ଦଳ ସୋମବାର ଲୋକସଭା ବାଚସ୍ପତିଙ୍କ ସହ ସାକ୍ଷାତ କରିବେ। ଏହି ଗୋଷ୍ଠୀକୁ ଏକ ସ୍ୱତନ୍ତ୍ର ସଂସଦୀୟ ଦଳ ଭାବେ ସ୍ୱୀକୃତି ଦେବା ପାଇଁ ସେମାନେ ଦାବି ଉଠାଇବେ ବୋଲି ସେ କହିଛନ୍ତି। କାକୋଲି କହିଛନ୍ତି, "ଆମ ସହ ବର୍ତ୍ତମାନ ୨୨ ଜଣ ସାଂସଦ ଅଛନ୍ତି। ଲୋକସଭା ବାଚସ୍ପତି ଆମକୁ ସମୟ ଦେଇଛନ୍ତି। ଆମେ ତାଙ୍କ ସହ ସାକ୍ଷାତ କରି ସ୍ୱତନ୍ତ୍ର ସଂସଦୀୟ ଗୋଷ୍ଠୀ ଭାବେ ସ୍ୱୀକୃତି ପ୍ରଦାନ କରିବାକୁ ଅନୁରୋଧ କରିବୁ।" ତେବେ, ତାଙ୍କ ଶିବିରରେ ଯୋଗ ଦେବାକୁ ଥିବା ସେହି ଦୁଇଜଣ ସାଂସଦଙ୍କ ନାମ ପ୍ରକାଶ କରିବାକୁ ସେ

# ଓଡ଼ିଆ ସଂସ୍କୃତି ଓ ପରମ୍ପରା ଚିର ସବୁଜ ରଜ ପର୍ବ

**ଭୁବନେଶ୍ୱର,୧୪।୬(ମହାଭାରତ):** ଆମ ଓଡ଼ିଶା ରେ ବାର ମାସରେ ତେର ପର୍ବ। ପ୍ରମୁଖ ପର୍ବ ମାନଙ୍କ ମଧ୍ୟରୁ ରଜ ପର୍ବ ଅନ୍ୟତମ। ଜ୍ୟେଷ୍ଠ ମାସର ଶେଷ ଦିନରୁ ପହିଲି ରଜ ଭାବରେ ଆରମ୍ଭ ହୋଇ,ଆଷାଢ ମାସର ପ୍ରଥମ ଦିନ ରଜ ସଂକ୍ରାନ୍ତି ଓ ପର୍ବର ତୃତୀୟ ଦିନ ତଥା ଆଷାଢ ମାସର ଦ୍ୱିତୀୟ ଦିନ ଭୂଇଁ ଦହନ, ଏବଂ ଚତୁର୍ଥ ଦିନରେ ବସୁମତୀ ସ୍ନାନ ସହିତ ଶେଷ ହୁଏ ରଜ ପର୍ବ। ତେବେ ଏହି ମହାନ୍ କୃଷି ଭିତ୍ତିକ, ନାରୀ କୈନ୍ଦ୍ରିକ ପର୍ବ ନାରୀ ରତୁମତୀ ବା ରଜସ୍ୱଳା ହେବା ପରି ଆଷାଢ ଆଗମନରେ ଭୂମି ସହିତ ମେଘର ମିଳନ ରେ ଭୂ ମାତା ଉତ୍ପାଦନ କ୍ଷମ ହେବାକୁ ସହାୟକ ହେବା ନେଇ ଏହି କୃଷି ଭିତ୍ତିକ ଗଣପର୍ବ କୁ ରଜ ପର୍ବ ରୂପେ ଧୁମ୍ ଧାମରେ ପାଳନ କରାଯାଏ। ଘରେ ଘରେ ପିଠା ପଣା ର ଆୟୋଜନ ସହିତ ଝିଅ ମାନେ ସଜ ହୋଇ ରଜ ପାନ,ଦୋଳି ଖେଳି ଏହି ପର୍ବ ପାଳିତ ହୋଇଥାଏ।ତେବେ ଉପକୂଳ ଓଡ଼ିଶା ରୁ ଆରମ୍ଭ ହୋଇଥିବା ଏହି ମହାନ୍ ପର୍ବ ,ବର୍ତ୍ତମାନ କେବଳ ଓଡ଼ିଶା ର ସମସ୍ତ ଅଂଚଳ ନୁହେଁ, ବରଂ ଦେଶର ବିଭିନ୍ନ ଅଂଚଳ ଓ ଭାଷାଭାଷୀ ଲୋକଙ୍କ ପାଇଁ ସାଜିଛି ଏକ ପ୍ରମୁଖ ଗଣପର୍ବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଦେଖାଯାଇଛି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ପ୍ରୟାସ ଓ "ପରିଣିତା" ସଂଗଠନ ଦ୍ୱାରା ଆୟୋଜିତ 'ପରିଣିତା ରଜ ପର୍ବ-୨୦୨୬ ରେ। ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଥିବା ଏହି ରଜ ପର୍ବ, ଓଡ଼ିଶାର ଲୋକକଳା, ସଂସ୍କୃତି ଓ ରଜ ପରମ୍ପରାକୁ ଜୀବନ୍ତ ରଖିବା ଏବଂ ନୂତନ ପିଢ଼ୀଙ୍କ ମଧ୍ୟରେ ଏହାର ମହତ୍ତ୍ୱକୁ ପହଂଚାଇବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିଲା ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଯେଉଁଥିରେ ସାମିଲ ହୋଇଥିଲେ ବହୁ ଭାଷାଭାଷୀର ତିନି ହଜାର ରୁ ଅଧିକ ମହିଳା।ଯାହା ଏହି ରଜ



ପର୍ବ ପାଳନ କୁ କରିଥିଲା ଅଧିକ ଭବ୍ୟ।

ଏଥିସହିତ ଗ୍ରାମାଂଚଳର ରଜ ପର୍ବର ପରିବେଶକୁ ମନେ ପକାଇବା ପାଇଁ ଫୁଲରେ ସୁସଜ୍ଜିତ ଦୋଳି ସ୍ଥାପନ କରାଯାଇଥିଲା। ମହିଳାମାନେ ଉତ୍ସାହର ସହିତ ଦୋଳି ଖେଳିବା ସହ ରଜର ପାରମ୍ପରିକ ଆନନ୍ଦକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ପୋଡ଼ ପିଠା, ମଣ୍ଡା ପିଠା, ଆରିସା ପିଠା, ଛେନାପୋଡ଼, ଛେନା ଗଜା, ଦହିବରା-ଆଳୁଦମ, ପାନ, ପାପଡ଼ି ଚାଟ୍, ପୁରି-ଡାଲମା ଆଦି ପାରମ୍ପରିକ ଖାଦ୍ୟର ଆକର୍ଷଣୀୟ ଷ୍ଟଲ୍ ଲଗାଯାଇଥିଲା। ଏହାସହ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍ ମଧ ଆୟୋଜିତ ହୋଇଥିଲା। ତିନି ହଜାରରୁ ଅଧିକ ମହିଳା ଏହି ରଜ ଉତ୍ସବରେ ଯୋଗଦେଇ ଏହାକୁ ସଫଳ କରିଥିଲେ। ଉତ୍ସବରେ ରଜ ଗୀତ ପ୍ରତିଯୋଗିତା,ପିଠା ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା,ଶଙ୍ଖ ପ୍ରତିଯୋଗିତା, ହୁଳହୁଳି ପ୍ରତିଯୋଗିତା, ରଜ ଦୋଳି ପ୍ରତିଯୋଗିତା,ଓଡ଼ିଶୀ ନୃତ୍ୟ ପରିବେଷଣ ଓ ରାମ୍ପ ଶୋ ଆଦି ଆୟୋଜିତ ହୋଇଥିଲା।

## ୯୮.୯୫%ରେ ପହଞ୍ଚିଲା ଏସଆଇଆର ପ୍ରକ୍ରିୟା

**ଭୁବନେଶ୍ୱର,୧୪।୬ (ମହାଭାରତ):** ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏବେ ତ୍ୱରିତ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯୮.୯୫ ପ୍ରତିଶତ ରେ ପହଂଚିଛି। ବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ସ୍ତରରେ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଜୁନ ୧୪ ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟରେ ଭୋଟର ସଂଶୋଧନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ମିଳିଛି।ଆଜି ସୁଦ୍ଧା୯୮.୯୫ ପ୍ରତିଶତ ଫର୍ମ ବଣ୍ଟନ ଅର୍ଥାତ ୩ କୋଟି ୩୦ ଲକ୍ଷ ୪୯ହଜାର ୧୮୮ ଜଣ ଭୋଟର ଙ୍କ ପାଖରେ ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ସୁନ୍ଦରଗଡ ଜିଲ୍ଲା ରାଜ୍ୟରେ ଶତ ପ୍ରତିଶତ ଫର୍ମ ବଣ୍ଟନ କରି ସର୍ବାଗ୍ରେ ରହିଛି।ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ପାଖରେ ପରିଗଣନା ଫର୍ମ ପହଂଚାଇବାରେ ପ୍ରଶାସନ ସମ୍ପୂର୍ଣ୍ଣ ସଫଳ ହୋଇଛି।କେବଳ ଫର୍ମ ବଣ୍ଟନ ନୁହେଁ, ବରଂ ସଂଗୃହିତ ତଥ୍ୟକୁ ଡିଜିଟାଇଜେସନ କରିବାରେ ମଧ ଜିଲ୍ଲା ଆଗୁଆ ରହିଛି। ଆଜି ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାର ୬୨.୭୧ ପ୍ରତିଶତ ଭୋଟରଙ୍କ ଫର୍ମର ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି।



ରାଜ୍ୟର ପ୍ରାୟ ୯୯% ଭୋଟରଙ୍କ ପାଖରେ ଫର୍ମ ପହଂଚି ସାରିଥିବାରୁ ଏବେ ପ୍ରଶାସନର ସମ୍ପୂର୍ଣ୍ଣ ଫୋକସ୍ ଡିଜିଟାଇଜେସନ ଉପରେ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ହାରାହାରି ୩୪.୫୪% ଡିଜିଟାଇଜେସନ ହୋଇଥିବାରୁ, ଆଗାମୀ ଦିନରେ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ। ସେହିପରି ଏବେ ସୁଦ୍ଧା ଡିଜିଟାଇଜେସନ ୩୪.୫୪ ପ୍ରତିଶତ ଅର୍ଥାତ ୧କୋଟି ୧୫ଲକ୍ଷ୩୬ହଜାର ୫୩୭ ଭୋଟଙ୍କର ଡିଜିଟାଇଜେସନ କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ସଠିକ୍ ଓ

## ଡିକି ଭଙ୍ଗା ଲୁଟେରା ଗିରଫ

**ଭୁବନେଶ୍ୱର,୧୪।୬(ମହାଭାରତ):** ରାଜଧାନୀରେ ବଢୁଥିବା ଡିକି ଭଙ୍ଗା ଲୁଟ୍ ଘଟଣା ମଧ୍ୟରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଚଢ଼ାଉ କରି ଗାଡ଼ିର ଡିକି ଭାଙ୍ଗି ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଲୁଟୁଥିବା ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ହେଲେ ସତ୍ୟଜିତ୍ ସାହୁ ଓରଫ୍ 'ଜଟିଆ'। ପୋଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୧୦ ତାରିଖରେ ଡମଣା ଅଂଚଳର ଜଣେ ବ୍ୟବସାୟୀଙ୍କ ସ୍କୁଟିର ଡିକି ଭାଙ୍ଗି ଅଭିଯୁକ୍ତ ୧୫ ହଜାର ୭୦୦ ଟଙ୍କା ଏବଂ ତିନୋଟି ଦାମୀ ସନ୍‌ଗ୍ଲାସ୍ ଲୁଟି ନେଇଥିଲା। ଏହାକୁ ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ଦାଖଲ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଘଟଣାସ୍ଥଳ ଏବଂ ଆଖପାଖ ଅଂଚଳର ସିସିଟିଭି ଫୁଟେଜ୍ ଯାଂଚ କରି ପୋଲିସ ଅଭିଯୁକ୍ତର ଗତିବିଧି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୁରାକ୍ ପାଇଥିଲା। ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶେଷରେ ସତ୍ୟଜିତ୍ ସାହୁଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ପ୍ରଥମେ ବିଭିନ୍ନ ରାସ୍ତା ଓ ଗଳିକନ୍ଦିରେ ପାର୍କିଂ ହୋଇଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖୁଥିଲା। ପରେ ରେକି କରି ସୁଯୋଗ ଦେଖି ଗାଡ଼ିର ଡିକି ଭାଙ୍ଗି ନଗଦ ଟଙ୍କା ଏବଂ ଦାମୀ ସାମଗ୍ରୀ ଲୁଟି ଫେରାର ହୋଇଯାଉଥିଲା। ଲୁଟ୍ ବେଳର ସମ୍ପୂର୍ଣ୍ଣ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ପୋଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ତିନୋଟି ଦାମୀ ସନ୍‌ଗ୍ଲାସ୍ ଏବଂ ଲୁଟ୍ ହୋଇଥିବା ୧୫ ହଜାର ୭୦୦ ଟଙ୍କା ଜବତ କରାଯାଇଛି।

## ରଜ ପର୍ବର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୬(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପବିତ୍ର ରଜ ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।



ସେ ସୋସିଆଲ ମିଡିଆରେ ଲେଖିଛନ୍ତି,ଓଡ଼ିଆ ଅସ୍ମିତାର ଜୀବନ୍ତ ପରମ୍ପରା, ମୃତ୍ତିକା ଓ ମାତୃଶକ୍ତିର ଅନନ୍ୟ ମହାମିଳନର ମହାଗଣପର୍ବ 'ରଜ' ଅବସରରେ ଆପଣ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା। ସେ ଲେଖିଛନ୍ତି, ରଜ କେବଳ ପରିବର୍ତ୍ତିତ ଋତୁଚକ୍ରର ଆବାହନୀ ନୁହେଁ; ଏହା ଆମ ସନାତନ ଚେତନାର ଏକ ମହାନ ସାଂସ୍କୃତିକ ସଂସ୍କାର, ପ୍ରକୃତି ପ୍ରତି କୃତଜ୍ଞତା ଓ ନାରୀତ୍ୱ ପ୍ରତି ଗଭୀର ସମ୍ମାନର ଅନନ୍ୟ ଅଭିବ୍ୟକ୍ତି। ଏହି ପରମ୍ପରା ନାରୀତ୍ୱର ପବିତ୍ରତା, ସୃଜନର ସାମର୍ଥ୍ୟ ଏବଂ ମାତୃତ୍ୱର ଗରିମାକୁ ସର୍ବୋଚ୍ଚ ଆସନ ପ୍ରଦାନ କରି ଓଡ଼ିଆ ଜାତିର ସ୍ୱାଭିମାନକୁ ଏକ ସ୍ୱତନ୍ତ୍ର ଉଚ୍ଚତାରେ ପ୍ରତିଷ୍ଠିତ କରିଛି।

ସେ ଆହୁରି ଲେଖିଛନ୍ତି, ଆମ ସାଂସ୍କୃତିକ ବିଶ୍ୱାସ ଅନୁଯାୟୀ, ସ୍ୱୟଂ ଭୂଦେବୀ ଏହି ତିନିଦିନ ରଜସ୍ୱଳା ହୋଇ ବିଶ୍ରାମ ନିଅନ୍ତି। ପ୍ରକୃତିର ଏହି ସର୍ଜନାତ୍ମକ ବିଶ୍ରାମକୁ ସମ୍ମାନ ଜଣାଇ ଆମ ଅନ୍ନଦାତାମାନେ କୃଷି କାର୍ଯ୍ୟ ସ୍ଥଗିତ ରଖି ମାଟି ମା'ଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି। ସେହିପରି, ପ୍ରତ୍ୟେକ ଓଡ଼ିଆ ପରିବାରରେ କନ୍ୟା, ମା' ଓ ଭଉଣୀମାନଙ୍କୁ ଦୈନନ୍ଦିନ ଦାୟିତ୍ୱରୁ ମୁକ୍ତି ଦେଇ ସେମାନଙ୍କ ସମ୍ମାନ, ସ୍ୱାଧୀନତା ଓ ଆନନ୍ଦର ମହୋତ୍ସବ ଭାବେ ଏହି ପର୍ବକୁ ପାଳନ କରାଯାଏ। ସେ ଲେଖିଛନ୍ତି., ଯେଉଁ ସଂସ୍କୃତି ଆଗାମୀ ସୃଜନ ପାଇଁ ବିଶ୍ରାମର ଆବଶ୍ୟକତାକୁ ସ୍ୱୀକାର କରେ, ସେହି ସଂସ୍କୃତିର ଉତ୍ତରାଧିକାରୀ ଭାବେ ଏହି ମାନବୀୟ ଓ ବୈଜ୍ଞାନିକ ଦର୍ଶନକୁ ଆଧାର କରି ଆଜି ଆମ ଶାସନ ବ୍ୟବସ୍ଥାରେ ମଧ ମାତୃଶକ୍ତିର ଗରିମା ଓ ସ୍ୱାଭିମାନକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ସେହି ଚିନ୍ତାଧାରାର ପ୍ରତିଫଳନ ସ୍ୱରୂପ କର୍ମଜୀବୀ ଭଉଣୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ସାମୟିକ ଛୁଟିର ଐତିହାସିକ ବ୍ୟବସ୍ଥା କରାଯାଇଛି। ସେହିପରି ଆମ ପରିଶ୍ରମୀ ଚାଷୀ ଭାଇମାନଙ୍କ ସ୍ୱେଦବିନ୍ଦୁକୁ ସମୃଦ୍ଧିର ଶସ୍ୟରେ ପରିଣତ କରି ସେମାନଙ୍କ ଜୀବନରେ ପ୍ରଗତି ଓ ସମ୍ମାନର ନୂତନ ଅଧ୍ୟାୟ ରଚନା କରିବା ପାଇଁ ଆମେ ସଂକଳ୍ପବଦ୍ଧ। ରଜ ଦୋଳିର ଉତ୍ତାଳ ଛନ୍ଦରେ ଆହୁରି ଗତିଶୀଳ ହେଉ ଆମ ବିକାଶର ଯାତ୍ରା, ପୋଡ଼ପିଠାର ମଧୁର ମହକରେ ମହକି ଉଠୁ ଆମର ସାମାଜିକ ସଦ୍ଭାବ ଓ ପାରିବାରିକ ବନ୍ଧନ; ରଜ ପାନର ମାଧୁର୍ଯ୍ୟ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଭରିଦେଉ ନୂତନ ଆଶା, ନୂତନ ଉତ୍ସାହ ଓ ନୂତନ ସଂକଳ୍ପର ଉଲ୍ଲାସ। ସେ ଆହ୍ୱାନ କରିଛନ୍ତି ଯେ, ଆସନ୍ତୁ, ମା' ବସୁମତୀଙ୍କ ଆଶୀର୍ବାଦ କାମନା କରି ଏକ ସମୃଦ୍ଧ, ସ୍ୱାଭିମାନୀ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପୁନର୍ବାର ଦୃଢ଼ ସଂକଳ୍ପ ନେବା। ଜୟ ଜଗନ୍ନାଥ !

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ପରଦା ଖବର ......

## କଙ୍ଗନାଙ୍କ ଫିଲ୍ମ ଭାରତ ଭାଗ୍ୟ ବିଧାତାକୁ ପ୍ରଶଂସା କଲେ ନୀତିନ ଗଡକରୀ

ବଲିଉଡ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ଏବେ ଫିଲ୍ମ ଭାରତ ଭାଗ୍ୟ ବିଧାତାକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି ।ତାଙ୍କ ଫିଲ୍ମ ରିଲିଜ ହୋଇସାରିଛି । ଫିଲ୍ମ ବକ୍ସ ଅଫିସରେ ଭଲ ଆୟ କରିନାହିଁ କିନ୍ତୁ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଅଭିନେତ୍ରୀଙ୍କ ଫିଲ୍ମକୁ ପ୍ରଶଂସା କରିଛନ୍ତି । ଫିଲ୍ମରେ ୨୬/୧୧ ଆକ୍ରମଣ ସମୟରେ ଏକ ହସପିଟାଲରେ ନର୍ସମାନଙ୍କ ବାହାଦୂରୀ କାହାଣୀ ଦେଖିବାକୁ ମିଳିଛି ।ନୀତିନ ଗଡକରୀ ନିକଟରେ ଫିଲ୍ମର ଗ୍ରାଣ୍ଡ ପ୍ରିମିୟର ଆଟେଣ୍ଡ କରିଛନ୍ତି । ଏହାକୁ ଦେଖିବା ପରେ ସେହି ଘଟଣାର ମୁହୂର୍ତ୍ତକୁ ମନେ ପକାଇଛନ୍ତି । ଫିଲ୍ମରେ ନର୍ସମାନଙ୍କ ସାହସକୁ ହାଇଲାଇଟ୍ କରାଯାଇଛି । ଏହାକୁ ନେଇ ନୀତିନ ଗଡକରୀ କହିଛନ୍ତି, ଫିଲ୍ମ ଭାରତ ଭାଗ୍ୟ ବିଧାତା ପୁରୁଣା ସ୍ମୃତିକୁ ତାଜା କରିଦେଇଛି ।





ଯେବେ ଆଟାକ୍ ହୋଇଥିଲା, ସେତେବେଳେ ମୁଁ ମୁମ୍ବାଇରେ ଥିଲି ।ଭିଟି ଷ୍ଟେସନରେ ଆଟାକ କରିବା ପରେ ଆତଙ୍କୀ କାମା ହସପିଟାଲରେ ପଶିଥିଲେ । ଫିଲ୍ମରେ ହସପିଟାଲରେ ସେହି ନର୍ସଙ୍କ ସାହସ ଦେଖିବାକୁ ମିଳିଛି ।ନର୍ସମାନେ ସାହସ କରି ଅନେକ ଲୋକଙ୍କ ଜୀବନ ବଞ୍ଚାଇଥିଲେ । ଆଉ ଏହି ଫିଲ୍ମ ନୂଆ ପିଢିକୁ ନିଷ୍ଠା ଏବଂ ସମର୍ପଣ ସହିତ ଦେଶର ସେବା କରିବାକୁ ପ୍ରେରଣା ଯୋଗାଇବ ।ଫିଲ୍ମ ଭାରତ ଭାଗ୍ୟ ବିଧାତା କଙ୍ଗନା ରଣାଓ୍ୱତ ନର୍ସ ଭୂମିକାରେ ନଜର ଆସିଛନ୍ତି ।୧୬/୧୧ ଆକ୍ରମଣ ଉପରେ ଅନେକ ଫିଲ୍ମ ଏବଂ ସିରିଜ ନିର୍ମାଣ ହୋଇଛି କିନ୍ତୁ ଏହି ଫିଲ୍ମରେ କିଛି ଭିନ୍ନ ଦେଖିବାକୁ ମିଳିଛି । ଶୁକ୍ରବାର ରିଲିଜ ହୋଇଥିବା ଫିଲ୍ମ ପ୍ରଥମ ଦିନରେ କେବଳ ୧ କୋଟି ଟଙ୍କା ଆୟ କରିଛି । ଏହି ଫିଲ୍ମକୁ ଇମତିଆଜ ଅଲ୍ଲୀ ନିର୍ଦ୍ଦେଶନା ଦେଇଛନ୍ତି ।

## ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଠିକ୍ ଉପାୟ

ସୂର୍ଯ୍ୟଙ୍କ ଜଳ ଦେବାର ଠିକ୍ ତରିକା ସମ୍ପର୍କରେ ଖୁବ୍ କମ ଲୋକ ଜାଣିଥିବେ । ହେଲେ ପ୍ରାୟ ୯୦ ଭାଗ ଲୋକ ସୂର୍ଯ୍ୟଙ୍କୁ ଜଳ ବା ଅର୍ଘ୍ୟ ଦେବାର ଠିକ୍ ତରିକା ଜାଣି ନାହାଁନ୍ତି । ଆଗରୁ ମୁନି-ଋଷିମାନେ ଯେଉଁ ଉପାୟରେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଥିଲେ ତାହାକୁ ଆଧୁନିକ ଯୁଗର ଡାକ୍ତରମାନେ ମଧ ଠିକ୍ ବୋଲି କହିଛନ୍ତି । ଯଦି ଆମେ ସୂର୍ଯ୍ୟଙ୍କୁ ଜଳ ଦେବାର ପ୍ରକୃତ ତରିକା ନ ଜାଣିବା ଏହା ଆମକୁ ଭଲ ଫଳ ଦେବା ପରିବର୍ତ୍ତେ ଖରାପ ଫଳ ଦେଇଥାଏ ।

ସୂର୍ଯ୍ୟଦେବ ଏକମାତ୍ର ଦେବତା ଯାହାଙ୍କୁ ଆମେ ଆଖିରେ ଦେଖି ପାରୁଛେ । ସୂର୍ଯ୍ୟଦେବ ପ୍ରକୃତି ଓ ଆମର ସ୍ୱାସ୍ଥ୍ୟର ଆଧାର ମଧ ଅଟନ୍ତି । ସୂର୍ଯ୍ୟଙ୍କର କିରଣରେ ବାକ୍ଟେରିଆ ଓ ଭାଇରସ ନଷ୍ଟ କରି ଆମକୁ ସବୁ ରୋଗରୁ ରକ୍ଷା କରିବାର ଶକ୍ତି ରହିଛି । ଆସନ୍ତୁ ଜାଣିବା ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ୍ ନିୟମ । ସୂର୍ଯ୍ୟଙ୍କ ସପ୍ତ ରଂଗ କିରଣରୁ ଆମକୁ ଲାଭ ମିଳୁ, ଏଥିପାଇଁ ମୁନି-ଋଷିମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବାର ନିୟମ ବନାଇଛନ୍ତି ।ଶାସ୍ତ୍ରରେ କୁହାଯାଇଛି ସୂର୍ଯ୍ୟଙ୍କ କିରଣ ଯେବେ ଆଖିକୁ କଷ୍ଟ ଦିଏ, ସେତେବେଳେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଲାଭ ନାହିଁ । ଜଳର ଗଡୁଥିବା ଧାର ଦେଇ ସୂର୍ଯ୍ୟଙ୍କୁ ଦେଖିବାର ନିୟମ ରହିଛି । ଯାହାଦ୍ୱାରା ଜଳର ଧାରରୁ ସୃଷ୍ଟି ୭ ରଂଗର କିରଣ ଆମର ଆଖି କଳା ପୁତୁଳା ଦେଇ ଶରୀର ଗ୍ରହଣ କରେ । ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଦେବା ଦ୍ୱାରା ୭ ରଂଗ ଆମର ଶରୀର ଗ୍ରହଣ କରି ଶରୀରରେ ସକରାତ୍ମକ ଶକ୍ତି ପ୍ରବାହିତ କରିଥାଏ ।ଭଗବାନ ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ ତରିକା ଗ୍ରହଣ କରାନଗଲେ ଶରୀର ଉପରେ ଖରାପ ପ୍ରଭାବ ପଡିପାରେ । ଏହାଦ୍ୱାରା ଆଖି ମଧ ଖରାପ ହୋଇପାରେ । ତେଣୁ ଜଳ ଧାର ଗଡ଼ିବା ପରେ ଜଳ ଧାର ମଧ ଦେଇ ସୂର୍ଯ୍ୟଙ୍କୁ ଦେଖିବା ନିୟମ ରହିଛି ।



## ଆଲମିରାରେ ରଖନ୍ତୁ ଏହି ୫ଟି ଜିନିଷ; ହେବେ ମାଲାମାଲ୍ ,ଖାଲି ହେବନି ଆଲମିରା

ହିନ୍ଦୁ ପର୍ବପର୍ବାଣିରେ ଅକ୍ଷୟ ତୃତୀୟାକୁ ଖୁବ ପବିତ୍ର ପର୍ବ ବୋଲି କୁହାଯାଏ। ଏହି ଦିନ ମା'ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତି ହେବା ସହ ଧନ ପ୍ରାପ୍ତି ହୋଇଥାଏ। ସୁନା,ସମ୍ପତ୍ତି, ଯାନ ଆଦି ଏହି ଦିନ କିଣିବା ଅତ୍ୟନ୍ତ ଶୁଭଙ୍କର। ଏହାଦ୍ୱାରା ଘରେ ସୁଖସମୃଦ୍ଧି ପ୍ରବେଶ କରିଥାଏ। ଅକ୍ଷୟ ତୃତୀୟା ୧୦ ମେ ୨୦୨୪ରେ ପାଳନ କରାଯିବ। ଏହା ବ୍ୟତୀତ ଶାସ୍ତ୍ରରେ ଏଭଳି କିଛି ଜିନିଷ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାକୁ ଅକ୍ଷୟ ତୃତୀୟା ଦିନ ଆଲମିରାରେ ରଖିଲେ , ଧନ ଦ୍ୱିଗୁଣା ହୋଇଯାଏ। ବର୍ଷଯାକ ଟଙ୍କାର ଅଭାବ ହୋଇନଥାଏ।ଋପି ଟଙ୍କା - ଅକ୍ଷୟ ତୃତୀୟାରେ ଋପି ଟଙ୍କା କିଣିବା ଅତ୍ୟନ୍ତ ଶୁଭଙ୍କର। ଏହାକୁ କିଣି ଘରେ ମା'ଲକ୍ଷ୍ମୀଙ୍କୁ ଅର୍ପଣ କରନ୍ତୁ। ଏହାପରେ ଋପିର ଟଙ୍କାକୁ ଲାଲ କପଡାରେ ବାନ୍ଧି ଆଲମିରାରେ ଧନ ରଖିବା ସ୍ଥାନରେ ରଖନ୍ତୁ। ମାନ୍ୟତା ଅନୁଯାୟୀ ଏହା ଦ୍ୱାରା ବର୍ଷଯାକ ଧନର ଅଭାବ ହୋଇନଥାଏ।ୟ ଆଲମିରାରେ ସର୍ବଦା ଟଙ୍କା ଓ ସୁନା ଦ୍ୱିଗୁଣିତ ହୋଇଥାଏ। ଅପରାଜିତା ଗଛର ଚେର - ଅକ୍ଷୟ ତୃତୀୟା ଦିନ ଅପରାଜିତା ଗଛର ଚେରକୁ ଗଙ୍ଗାଜଳରେ ଧୋଇ ଦିଅନ୍ତୁ। ଏଥିରେ କେସର ତିଳକ ଲଗାଇ ଋପିର ଡବାରେ ରଖନ୍ତୁ।ଏହାକୁ ଧନ ରଖିବା ସ୍ଥାନରେ ରଖନ୍ତୁ। ଏହି ଉପାୟରେ ମାଲାମାଲ ହୋଇ ଯାଆନ୍ତି ବୋଲି ମାନ୍ୟତା ରହିଛି।ଶ୍ରୀଫଳ - ଶ୍ରୀଫଳକୁ ମା'ଲକ୍ଷ୍ମୀ ଓ ଭଗବାନ କୁବେରଙ୍କ ପ୍ରତୀକ ବୋଲି କୁହାଯାଏ। ମାନ୍ୟତା ଅନୁଯାୟୀ, ଆଲମିରା,ଦୋକାନରେ ଶ୍ରୀଫଳ ରଖିବା ଦ୍ୱାରା କଦାପି ଟଙ୍କାର ଅଭାବ ହୋଇନଥାଏ। ବାସ୍ତୁ ଦୋଷ ମଧ ଦୂର ହୋଇଥାଏ। ଅକ୍ଷୟ ତୃତୀୟା ଦିନ ଶ୍ରୀଫଳକୁ ଲାଲ କପଡାରେ ବାନ୍ଧି ଆଲମିରାରେ ରଖନ୍ତୁ।

ହଳଦୀ - ହଳଦୀକୁ ଭଗବାନ ବିଷ୍ଣୁ ଓ ଗ୍ରହ ବୃହସ୍ପତିଙ୍କ ପ୍ରତୀକ ବୋଲି କୁହାଯାଏ। ସେହିପରି କଉଡି ମା'ଲକ୍ଷ୍ମୀଙ୍କ ପ୍ରତୀକୟ ତେଣୁ ଧନ ପ୍ରାପ୍ତି ପାଇଁ ଅକ୍ଷୟ ତୃତୀୟା ଦିନ ଏକ ଗୋଟା ହଳଦୀ, ହଳଦିଆ କଉଡି ସହ ହଳଦିଆ କପଡାରେ ବାନ୍ଧି ଆଲମିରାରେ ରଖନ୍ତୁ। ଧନର ଅଭାବ ଦୂର ହେବୟକୁବେର ଯନ୍ତ୍ର - ଅକ୍ଷୟ ତୃତୀୟାରେ ସୁଖ ସମୃଦ୍ଧି ଓ ସୌଭାଗ୍ୟ ପାଇଁ କୁବେର ଯନ୍ତ୍ରକୁ ବିଧି ବିଧାନରେ ପୂଜା କରି ସ୍ଥାପନ କରନ୍ତୁ। ପୂଜା ପରେ ଏହାକୁ ଆଲମିରାରେ ରଖନ୍ତୁ। ପୂର୍ଣ୍ଣିମା, ଧନତେରସ, ଦୀପାବଳୀରେ ଏହାକୁ ପୂଜାର୍ଚ୍ଚନା କରନ୍ତୁ। ଏହାଦ୍ୱାରା ଧନର ଅଭାବ ଦୂର ହୋଇଥାଏ।



## ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ

ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି । ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। 'କୃଷ୍ଣ ଚରିତ୍ର'ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା' ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ । ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି । ଉପନିଷଦ୍‌ରେ ମଧ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି । ପୁରାଣରେ ତ' ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି । ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ । ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ । ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୁରିବୁଲିବାକୁ ଲାଗିଲେ । ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ । ଦେବୀ ଶକ୍ତିଙ୍କ ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା।



କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ । ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି ।ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି । ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି ।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବର। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି । ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ ।୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ କରିଥାନ୍ତି ।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

## ଓଜନ ହ୍ରାସ କରିବ ଲାଉ ଜୁସ

ଲାଉ ଶରୀର ପାଇଁ ବହୁତ ଉପକାରୀ । ଲାଉରେ ଜଳୀୟ ଅଂଶ, ଭିଟାମିନ ସି ଏବଂ କ୍ୟାଲସିୟମ୍ ଭରପୂର ମାତ୍ରାରେ ଥାଏ । ଲାଉ ଜୁସରୁ ଶରୀରକୁ ମିଳୁଥିବା ଫାଇଦା ବିଷୟରେ ଆସନ୍ତୁ ଜାଣିବା। ଲାଉକୁ ଜୁସ କରି ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ । କୋଲେଷ୍ଟ୍ରଲ ହ୍ରାସ ପାଇଁ ସକାଳୁ ସକାଳୁ ୨୦୦ଗ୍ରାମ ଲାଉ ଜୁସ୍ ପିଅନ୍ତୁ । ନିୟମିତ ୨ମାସ କରିବା ପରେ କୋଲେଷ୍ଟ୍ରଲ ହ୍ରାସ ପାଇଥାଏ। ଲାଉ ଖାଇବା ଦ୍ୱାରା ପାଚକ ତନ୍ତ୍ର ମଜବୁତ୍ ହୋଇଥାଏ । ଯେଉଁ ଲୋକମାନଙ୍କର ଗ୍ୟାସ ବା କୋଷ୍ଠକାଠିନ୍ୟ ସମସ୍ୟା ରହିଛି ସେମାନଙ୍କ ପାଇଁ ଲାଉ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ସପ୍ତାହକୁ ୩ଥର ଲାଉର ଜୁସ୍ ପିଇବା ଦ୍ୱାରା ପେଟ ଜନିତ ସମସ୍ୟା ଦୂର ହୋଇଥାଏ । ନିଦ୍ରାହୀନତା ଭୋଗୁଥିବା ରେରାଗୀ ପାଇଁ ଲାଉ ଅନେକ ଉପକାରୀ । ଯଦି ଆପଣ ଆପଣଙ୍କ ଓଜନ କମ କରିବାକୁ ଚାହୁଁଛନ୍ତି । ତେବେ ପ୍ରତିଦିନ ସକାଳୁ ଖାଲି ପେଟରେ ଲାଉର ଜୁସ୍ ପିଅନ୍ତୁ । ଲିଭର ସମସ୍ୟା ଦୂର କରିବା ପାଇଁ ଲାଉ ଏବଂ ଅଦାର ଜୁସ୍ ତିଆରି କରି ପିଅନ୍ତୁ । ଲାଉ ରସକୁ ତେଲରେ ମିଶାଇ ମୁଣ୍ଡରେ ଲଗାଇବା ଦ୍ୱାରା କେଶ ଝଡୁଥିବା ସମସ୍ୟାରୁ ରକ୍ଷା ମିଳେ। ଏହାସହ ଧଳା ହୋଇଯାଉଥିବା କେଶ ପାଇଁ ମଧ୍ୟ ଲାଉ ଜୁସ୍ ବହୁତ ଉପକାରୀ । ଆଜିକାଲି ହୃଦ ରୋଗରେ ପୀଡିତଙ୍କ ସଂଖ୍ୟା ବଢୁଥିବାରୁ ଦେଖିବାକୁ ମିଳୁଛି । ଅନୁଚିତ ଆହାର ଓ ଜୀବନଶୈଳୀରେ ପରିବର୍ତ୍ତନ ଏହାର ପ୍ରମୁଖ କାରଣ । ତେଣୁ ହୃଦୟକୁ ସୁସ୍ଥ ରଖିବା ପାଇଁ ଗୋଟେ କପ୍ ଲାଉ ଜୁସରେ ଟିକେ ଗୋଲମରିଚ ଏବଂ ସାମାନ୍ୟ ପୁଦିନା ରସକୁ ପକାଇ ନିୟମିତ ପିଇବା ଦରକାର । ମୁଣ୍ଡରେ ରୁପି ହେଉଥିଲେ ଏହାକୁ ଅଳାଁ ରସ ସହ ମିଶାଇ ପିଇଲେ ଏହା ଦୂର ହୋଇଥାଏ । ଦୁଶ୍ଚିନ୍ତା ତଥା ମାନସିକ ଚାପରୁ ରକ୍ଷା ପାଇବାକୁ ହେଲେ ଏହାକୁ ଖାଆନ୍ତୁ। ଲାଉରେ ଥିବା ପିତ୍ତଶାମକ ଗୁଣ ଶରୀରକୁ କେବଳ ଥଣ୍ଡା ରଖେ ନାହିଁ ଏହା ମସ୍ତିଷ୍କକୁ ମଧ୍ୟ ଶାନ୍ତ ରଖିଥାଏ । ପ୍ରତିଦିନ ଖାଲି ପେଟରେ ଲାଉ ଜୁସ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର କରେ । ଖାଲି ସେତିକି ନୁହେଁ ପରିଶ୍ରାରେ ଅମ୍ଳର ମାତ୍ରା ବଢି ପରିଶ୍ରା ଜଳାପୋଡା କରିଥାଏ। ସକାଳୁ ଲାଉ ରସ ପିଇଲେ ପରିଶ୍ରାରୁ ଅମ୍ଳର ମାତ୍ରା ହ୍ରାସ ପାଇଥାଏ । ଲାଉରେ ପ୍ରାୟ ୯୦ପ୍ରତିଶତ ଜଳ ରହିଛି । ଅତ୍ୟଧିକ ଜଳ ଥିବା କାରଣରୁ ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ । ପରିଶ୍ରା ଜଳାପୋଡା ହେଉଥିଲେ ମଧ୍ୟ ଏହା ତାକୁ ଭଲ କରିଥାଏ ଲାଉ ।



## ନୋଟ ଛପା ଖର୍ଚ୍ଚ କମିବ

ପ୍ଲାଷ୍ଟିକ ନୋଟ ପ୍ରଚଳନ ହେଲେ ନୋଟ ଛପା ଖର୍ଚ୍ଚ କମିଯିବ। ଆରବିଆଇର ଏହି ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ। କିନ୍ତୁ ଏହି ପରୀକ୍ଷଣ ସଫଳ ହେବା ପରେ ବଜାରରୁ କାଗଜ ନୋଟକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ କେବଳ ପ୍ଲାଷ୍ଟିକ ନୋଟ ପ୍ରଚଳନ କରିବାକୁ ବହୁ ବର୍ଷ ସମୟ ଲାଗିଯିବ। ଏହା ଏକ ପ୍ରକାର ବିମୁଦ୍ରିକରଣ ସଦୃଶ ହେବ। ପ୍ରାୟ ୧୦ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦି କଳା ଟଙ୍କାର ବିଲୋପ ପାଇଁ ବିମୁଦ୍ରିକରଣ ଘୋଷଣା କରିଥିଲେ। ରାତାରାତି ହଜାରେ ଏବଂ ୫ ଶହ ଟଙ୍କିଆ ନୋଟ ଅଚଳ ହୋଇ ଯାଇଥିଲା। ଅବଶ୍ୟ ଯାହା ପାଖରେ ଏହିସବୁ ନୋଟ ରହିଥିଲା ତାହାକୁ ବ୍ୟାଙ୍କରେ ଜମା କରିବାକୁ ବା ବଦଳାଇବାକୁ ସୁଯୋଗ ମିଳିଥିଲା। ଏହା ପରିବର୍ତ୍ତେ ନୂଆ ଦୁଇ ହଜାର ଏବଂ ପାଞ୍ଚ ଶହ ଟଙ୍କିଆ ନୋଟ ପ୍ରଚଳନ କରାଯାଇଥିଲା। କିଛି ବର୍ଷ ପରେ ୨ହଜାର ଟଙ୍କିଆ ନୋଟକୁ ବି ପ୍ରତ୍ୟାହାର କରାଗଲା। ବିମୁଦ୍ରିକରଣର ଦ୍ୱାରା ଅନେକ ନକଲି ନୋଟ କାରବାର କମିଗଲା। ଏହା ଦ୍ୱାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ। କିନ୍ତୁ ଏହା ଦ୍ୱାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା। ଏହା ସହିତ ଏକ ନୂଆ ଆତଙ୍କବାଦ ମଧ୍ୟ ଆରମ୍ଭ ହୋଇଛି। ତାହା ହେଲା ସାଇବର କ୍ରାଇମ। ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳବଳ କୌଶଳ ପ୍ରୟୋଗ କରୁଛନ୍ତି। ତେବେ ସେ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ୱର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି। ଅତି ସାଧାରଣ ବ୍ୟକ୍ତି ମଧ୍ୟ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି। ବମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ। ଡିଜିଟାଲ କାରବାର ଦ୍ୱାରା ଆୟ ଲୁଚାଇବା ମଧ୍ୟ ଆଉ ସମ୍ଭବ ହେଉନାହିଁ। ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା।୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା। ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ। କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ। ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା। କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା। ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ। ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ। ତାହା ତତ୍କାଳ ପ୍ରଦାନ କରିଦେଲେ। ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ। ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି। ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି। ଏହା କିଛି କମ କଥା ନୁହେଁ।

## ଆମେରିକାର ପ୍ରକଳ୍ପ ୨୦୨୫

॥ ସୌମେନ୍ଦ୍ର ଜେନା ॥

> *"ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି।*

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବର୍ଷର ଶେଷ ଭାଗକୁ ହେବାର ରହିଛି, ଯାହାର ଫଳାଫଳ ପ୍ରକାଶ ପାଇବା ପରେ ଜାନୁଆରୀ ୨୦୨୫ରେ ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ। ସବୁଥର ପରି ଏଥର ମଧ ଡେମୋକ୍ରାଟ ଓ ରିପବ୍ଲିକାନ ଦଳର ପ୍ରାର୍ଥୀଙ୍କ ମଧରେ ମୁଖ୍ୟତଃ ନିର୍ବାଚନ ଲଢ଼େଇ ହେଉଛି। ଡେମୋକ୍ରାଟରୁ ଜୋ ବାଇଡେନ ଏବଂ ରିପବ୍ଲିକାନ୍‌ରୁ ଡୋନାଲ୍‌ଡ଼ ଟ୍ରମ୍ପ ଦୌଡରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଚାରିବର୍ଷରେ ଥରେ ହେଉଥିଲେ ମଧ ଦୁଇବର୍ଷ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଦୁଇ ଦଳର ପ୍ରାର୍ଥୀମାନେ ସମ୍ମୁଖରେ ରହିଥିବା ସ୍ଥଳେ ସେମାନଙ୍କ ସମର୍ଥନପାଇଁ ପଛରେ ଅନେକ ସଂଗଠନ, ବ୍ୟାବସାୟିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ରହିଥାନ୍ତି। ସେହି କ୍ରମରେ ଡୋନାଲ୍‌ଡ଼ ଟ୍ରମ୍ପଙ୍କ ସମର୍ଥକମାନେ ମଧ ୨୦୨୦ ପରଠାରୁ ତାଙ୍କ ଭବିଷ୍ୟତର ଯୋଜନାକୁ ରୂପରେଖ ଦେବାରେ ଲାଗିଛନ୍ତି। ଆମେରିକାର ସରକାର କ'ଣ କରିବା ଦରକାର ସେ ବିଷୟକୁ ନେଇ ହେରିଟେଜ୍ ଫାଉଣ୍ଡେସନ୍ ୧୯୮୧ ରୁ 'ମାଣ୍ଡେଟ ଫର୍ ଲିଡରସିପ୍' ଶୀର୍ଷକରେ ଯେଉଁ ଦଲିଲକୁ ପ୍ରକାଶ କରିଆସିଛି। ଅନୁଷ୍ଠାନ ପକ୍ଷରୁ ତାକୁ 'ପଲିସୀ ବାଇବେଲ' ବୋଲି ଆଖ୍ୟା ଦେଇଥାଏ। ନୀତିନିର୍ଦ୍ଧାରଣର ଏହା ସରକାରଙ୍କ ପାଇଁ ମାର୍ଗଦର୍ଶିକା ବୋଲି ହେରିଟେବୋ ଫାଉଣ୍ଡେସନ କହିଥାଏ। ଅନୁଷ୍ଠାନର ଅଧ୍ୟକ୍ଷ କେଭିନ ରବର୍ଟସ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୧ ଏପ୍ରିଲ ୨୦୨୩ରେ 'ପ୍ରକଳ୍ପ-୨୦୨୫' ଶୀର୍ଷକରେ ଏକ ତଥ୍ୟ ଆଧାରଭୂତ ବିଚାର ଶୃଙ୍ଖଳା ଆରମ୍ଭ କରିଥିଲେ।

ପୂର୍ବରୁ ୨୦୨୦ରେ ଡୋନାଲଡ଼ ଟ୍ରମ୍ପଙ୍କ ଶାସନ କାଳରେ ତାଙ୍କ ନିର୍ଦ୍ଦେଶକୁ ଅଧିକାରୀ ଗ୍ରହଣ କରିବାକୁ ମନାକରିବା, ଜର୍ଜ ଫ୍ଲଏଡ୍ ବିକ୍ଷୋଭ ବେଳେ ଲୁଟତରାକାରୀଙ୍କ ଉପରକୁ ଗୁଳି ଚଳାଇବା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଆଦି ଘଟଣାରେ ଆମେରିକାର ରାଷ୍ଟ୍ରପତି ନୀତି ଦୃଷ୍ଟିରୁ ଦୁର୍ବଳଥିବା ଲକ୍ଷ୍ୟକରି ସେବେଠାରୁ ହେରିଟେଜ୍ ଫାଉଣ୍ଡେସନ ଟ୍ରମ୍ପଙ୍କ ପାଇଁ ଏକ ଶାସନ ବ୍ୟବସ୍ଥାର ନୀତି ପୁସ୍ତିକା ପ୍ରକାଶ ପାଇଁ କାର୍ଯ୍ୟ କରିବାକୁ ସ୍ଥିରକରି ପରେ ଯେଉଁ ପଦକ୍ଷେପ ନେଲା ତହିଁରୁ ନଅଶହରୁ ଅଧିକ ପୃଷ୍ଠା ବିଶିଷ୍ଟ 'ପ୍ରକଳ୍ପ-୨୦୨୫' ରୂପ ନେଲା, ଯାହା କି ପରେ ପ୍ରକାଶ ପାଇଛି। ଏଥିରେ ଟ୍ରମ୍ପଙ୍କ ସରକାର ସହ ଥିବା ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ବିଚାର ବ୍ୟକ୍ତ କରିଛନ୍ତି। କେତେକ ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ନିଜେ ଏହି ପ୍ରକଳ୍ପରେ ସାମିଲ ହୋଇ ୨୦୨୫ରେ ଶାସନକୁ ଆସିଲେ ଟ୍ରମ୍ପ କ'ଣ ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ଏଥିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପର ନିର୍ଦ୍ଦେଶକ ପଲ୍ ଡାନ୍ସ ରହିଛନ୍ତି। ୱାସିଂଟନ ଡିସିସ୍ଥିତ କନ୍‌ଜରଭେଟିଭ୍ ବୌଦ୍ଧିକ ଗୋଷ୍ଠୀର ସଂସ୍ଥା ହେଉଛି ହେରିଟେଜ୍ ଫାଉଣ୍ଡେସନ୍, ଯାହା ଅତୀତରେ ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରିଛି ଆମେରିକାର ସଫଳ ନେତୃତ୍ୱ ପାଇଁ।

ପ୍ରକଳ୍ପ-୨୦୨୫ ପୁସ୍ତକର ସଂପାଦକ ପଲ ଡାନ୍ସ ଏବଂ ଷ୍ଟିଭେନ ଗ୍ରୋଭସ ରହିଥିଲା ବେଳେ ମୁଖବନ୍ଧ ଲେଖିଛନ୍ତି କେଭିନା ରବର୍ଟସ। ୯୨୨ ପୃଷ୍ଠାର ଏହି ନୀତି ନିର୍ଦ୍ଧାରଣ ସଂକ୍ରାନ୍ତୀୟ ପୁସ୍ତକଟି ସରକାର ପରିଚାଳନା, ସାଧାରଣ ପ୍ରତିରକ୍ଷା, ଜନସାଧାରଣଙ୍କ କଲ୍ୟାଣ, ଅର୍ଥନୀତି, ସ୍ୱାଧୀନଭାବେ କାର୍ଯ୍ୟରତ ଏଜେନ୍ସୀ ଆଦି ବିଷୟକୁ କେନ୍ଦ୍ରକରି ମୋଟ ୩୦ଟି ଲେଖା ଏଥିରେ ରହିଛି ଯାହା, ଭିନ୍ନ ଭିନ୍ନ ଲୋକେ ଲେଖିଛନ୍ତି। ୫୦ରୁ ଅଧିକ ଅନୁଷ୍ଠାନର ଏଥିରେ ସଂପୃକ୍ତି ରହିଥିବା କଥା କୁହାଯାଇଛି। ଏଥିରେ ରସେଲ ଭଘଟ ଲେଖିଛନ୍ତି ଯେ 'ଖ୍ରୀଷ୍ଟିଆନ ଜାତୀୟତାବାଦ'କୁ ଆଧାର କରି ଆମେରିକା ଆଗେଇବା ଆବଶ୍ୟକ। ୱିଲିୟମ୍ ୱଲଫଂଙ୍କ ପରି ଖ୍ରୀଷ୍ଟିଆନ ଜାତୀୟତାବାଦୀଙ୍କ ମତରେ ଦେଶରେ ବାଇବେଲ ଆଧାରିତ ଶାସନ ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ, ବିଚାରପତିମାନେ ମଧ ବାଇବେଲ ଆଧାରରେ ନ୍ୟାୟ ପ୍ରଦାନ କରିବା ଉଚିତ। ଏଥିରେ ଜଳବାୟୁ ପରିବର୍ତ୍ତନ ପାଇଁ ଗଠିତ ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)କୁ ସଂକୁଚିତ କରିବାକୁ କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସ ଦ୍ୱାରା ପ୍ରଦୂଷଣ ବଢ଼ିବାକୁ କେନ୍ଦ୍ରକରି ଆମେରିକା ଯେପରି କାର୍ଯ୍ୟକରୁଛି ସେଥିରୁ କ୍ଷାନ୍ତରହିବା ଆବଶ୍ୟକ ବୋଲି କୁହାଯାଇଛି। ସହଯୋଗୀ ରାଷ୍ଟ୍ରମାନଙ୍କୁ କୋଇଲା ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ରକରି ବିଶ୍ୱରେ ଅଧିକ ରାଜନୀତି ହେଉଛି ଏବଂ ଅଧିକ କ୍ଷୟକ୍ଷତି ହେବାର ଭୟ ଦେଖାଇ ଦିଆଯାଉଛି ବୋଲି ଏହି ପ୍ରକଳ୍ପର ଲେଖକ ମାଣ୍ଡି ଗୁଣଶେଖର କହିଛନ୍ତି। ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)ର ପୂର୍ବତନ ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଗୁଣଶେଖରଙ୍କ ପରାମର୍ଶକ୍ରମେ ଆମେରିକା ୨୦୧୭ରେ ପ୍ୟାରିସ ଆଲୋଚନାରୁ ବାହାରି ଆସିଥିଲା।

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି। ମୂଳଲାଭ ଉପରେ ୧୫ ପ୍ରତିଶତ ଟିକସ୍ ଲଗାଇବାକୁ ଉଲ୍ଲେଖ କରାଯାଇଛି। କିନ୍ତୁ ବାଇଡେନ ପ୍ରଶାସନ ଏହି ଟିକସକୁ ୪୫ ପ୍ରତିଶତ କରିବାକୁ କହିଛନ୍ତି। ବାଣିଜ୍ୟ ବିଭାଗରେ ଥିବା ଆର୍ଥିକ ବିକାଶ ପ୍ରଶାସନକୁ ହଟାଇ ଦେବାକୁ ପରାମର୍ଶ ଦିଆଯାଇଛି। ଟ୍ରମ୍ପଙ୍କ ପ୍ରଶାସନ ତୁଳନାରେ ବାଇଡେନ ପ୍ରଶାସନ ଅଧିକରୁ ଅଧିକ ତୈଳଖନନ ଓ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରି ଗ୍ରାମାଞ୍ଚଳର କ୍ଷତି କରିଛି। ତେଣୁ ଆଗାମୀ ଦିନରେ ବେସାମରିକ ଆଣବିକ ଶିଳ୍ପ ଉପରେ ଜୋର ଦେଲେ ଶକ୍ତି ସଂକ୍ରାନ୍ତୀୟ ସଂକଟ ଦୂରହେବ ବୋଲି କୁହାଯାଇଛି।

ପ୍ରକଳ୍ପ ୨୦୨୫ରେ ବୈଦେଶିକ ବାଣିଜ୍ୟ ସଂକ୍ରାନ୍ତରେ କୁହାଯାଇଛି ଯେ ଆମେରିକା ୟୁରୋପୀୟ ସଂଘ, ଚୀନ ଓ ଭାରତରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଟିକସ ଲାଗୁ କରିବା ଦରକାର, ଯାହା ଫଳରେ ବୈଦେଶିକ ବାଣିଜ୍ୟରେ ସନ୍ତୁଳନ ଆସିବ। ଗୋଲ୍ଡମ୍ୟାନ ସାଚ୍‌ର ଆକଳନ ଅନୁସାରେ ଆମେରିକା ଟ୍ରମ୍ପଙ୍କ ସୁରକ୍ଷାତ୍ମକ ନୀତି ଗ୍ରହଣ କରିପାରିଲେ ଅଧିକ ଅର୍ଥ ସଞ୍ଚୟ ହେବା ସହ ଟିକସ ହାରକୁ ହ୍ରାସ କରାଯାଇପାରେ, ଯାହା ଟ୍ରମ୍ପଙ୍କ ସମର୍ଥକମାନେ ଆଶା କରୁଛନ୍ତି। ଅନ୍ୟ ପକ୍ଷରେ କେଣ୍ଟ ଲାସମ୍ୟାନଙ୍କ ଯୁକ୍ତିହେଲା ଯେ ସରକାର ବିଦେଶରୁ ହେଉଥିବା ଆମଦାନୀ ଉପରେ ଶୁଳ୍କ କମ୍ ରଖି ଗ୍ରାହକମାନଙ୍କ ପାଇଁ ଶସ୍ତାରେ ବସ୍ତୁ ଉପଲବ୍ଧ କରାଇବା ଦରକାର। ସରକାର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜିନାମା କରିବା ଆବଶ୍ୟକ। ତେବେ ଚୀନଠାରୁ ଦୂରେଇଲେ ହିଁ ଶ୍ରମିକ ଗୋଷ୍ଠୀର କଲ୍ୟାଣ ହେବ। ଏଥିରେ ଉଭୟ ଟ୍ରମ୍ପ ଏବଂ ବାଇଡେନ ଏକମତ ବୋଲି ସେ ଲେଖିଛନ୍ତି।

ପ୍ରକଳ୍ପ ୨୦୨୫ରେ ବିଦ୍ୟାଳୟ ଶିକ୍ଷାକୁ ରାଜ୍ୟ ପ୍ରଶାସନକୁ ଦେବାସହ ଏଥିରେ ଫେଡେରାଲ ପ୍ରଶାସନ ଅଧିକ ମୁଣ୍ଡ ଖେଳାଇବା ଅନାବଶ୍ୟକ ବୋଲି କୁହାଯାଇଛି। ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ରଖିଥିବା ୧୮ ବିଲିୟନର ଅର୍ଥକୁ ସରକାର ବନ୍ଦ କରିଦେବା ଉଚିତ ହେବ ବୋଲି କୁହାଯାଇଛି। ଲୋକେ ବେସରକାରୀ ଏବଂ ଧାର୍ମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜର ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାଉଥିବା ହେତୁ ସରକାର ବିଦ୍ୟାଳୟରେ ମାଗଣା ଭୋଜନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କରିବା ଦରକାର ବୋଲି ଉଲ୍ଲେଖ କରାଯାଇଛି। ପ୍ରକଳ୍ପ ୨୦୨୫ରେ ଛାତ୍ରଛାତ୍ରୀଙ୍କ ଋଣଛାଡ କାର୍ଯ୍ୟକ୍ରମକୁ କଠୋର ସମାଲୋଚନା କରାଯାଇଛି। ଲୋକଙ୍କ ଅର୍ଥରେ ହେଉଥିବା ଉଚ୍ଚତର ଗବେଷଣା ଦେଶର ସ୍ୱାର୍ଥରେ ହେବା ଦରକାର, ଅନ୍ୟମାନଙ୍କ ସ୍ୱାର୍ଥରେ ନୁହେଁ। ତେଣୁ ଜଳବାୟୁ ଗବେଷଣାକୁ ଅନୁଦାନ ହ୍ରାସ କରିବାକୁ ଏଥିରେ କୁହାଯାଇଛି। ଜାନୁଆରୀ ୨୦, ୨୦୨୫ ସୁଦ୍ଧା ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟରେ ଥିବା ନେତୃସ୍ଥାନୀୟ ସବୁ କର୍ମଚାରୀଙ୍କୁ ବାହାର କରିଦେବାକୁ ପ୍ରକଳ୍ପ ୨୦୨୫ରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନରେ ବାମପନ୍ଥୀ କର୍ମଚାରୀଙ୍କ ସ୍ଥାନ ନଥିବା ବିଷୟ ଉଲ୍ଲେଖ କରାଯାଇଛି। କୌଣସି ଏକ ବିଦେଶୀ ରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରିପାଇଁ କଂଗ୍ରେସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ରାଷ୍ଟ୍ରପତି ନିଜ କ୍ଷମତାକୁ ପ୍ରୟୋଗ କରି ଏହି ଅସ୍ତ୍ରଶସ୍ତ୍ର ତୁରନ୍ତ ବିକ୍ରି କରିବାକୁ ନିଷ୍ପତ୍ତି ନେଇପାରିବେ। ଏ କ୍ଷେତ୍ରରେ କଂଗ୍ରେସ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ। ପ୍ରକଳ୍ପ-୨୦୨୫ରେ କୁହାଯାଇଛି ଯେ ପ୍ରଶାସନରେ ଟ୍ରମ୍ପଙ୍କ ଅନୁଗାମୀଙ୍କୁ ସ୍ଥାନ ଦେବା ସହ ପୂର୍ବରୁ ରାଜନୈତିକ ନିଯୁକ୍ତି ପାଇଥିବା ବହୁସଂଖ୍ୟକ କର୍ମଚାରୀଙ୍କୁ ବଦଳାଯିବା ନିହାତି ଜରୁରୀ। ଏଥିପାଇଁ 'ପ୍ରକଳ୍ପ-୨୦୨୫' ଆଗାମୀ ଦିନପାଇଁ ୨୦,୦୦୦ନୂତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ପ୍ରୟାସ ଚଳାଇଛି, ଯାହା ୨୦୨୪ ଶେଷ ସୁଦ୍ଧା ହୋଇଯିବ। କିନ୍ତୁ ୨୦୨୪ ସୁଦ୍ଧା ବାଇଡେନ ପ୍ରଶାସନ ଦ୍ୱାରା ୪୦୦୦ ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା କଥା କୁହାଯାଇଛି।

## ଜଳବାୟୁ ପରିବର୍ତ୍ତନର ପଞ୍ଝାରେ ଆଜିର କୃଷି

॥ କୃଷିକିଶୋର ଚନ୍ଦ୍ର ଜେନା ॥

ବର୍ତ୍ତମାନ ସମୟରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ଗମ୍ଭୀର ଏବଂ ବୈଶ୍ୱିକ ମୁଦାଭାବରେ ଉପସ୍ଥାପିତ ଏବଂ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ ଭାବରେ ସମସ୍ତଙ୍କୁ ବ୍ୟଥିତ ଏବଂ ଚିନ୍ତିତ କରୁଛି। ଏହି ଦୃଶ୍ୟମାନ ପରିବର୍ତ୍ତନ ନା କେବଳ ଭାରତ ଆଗରେ ଆର୍ବିଭୂତା ବଂର ପୁରା ବିଶ୍ୱକୁ ତାର ପଞ୍ଝାରେ ମାଡ଼ି ବସିଛି। ବେଳ ଥାଉଁ ଥାଉଁ ଯଦି ଆମେ ସମସ୍ତେ ମିଳି ମିଶି ପୁରା ବିଶ୍ୱ ଏହା ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୁରା ବିଶ୍ୱରେ ପ୍ରଳୟ ଅବ୍ୟଶମ୍ଭାବୀ। ଏହାର ପ୍ରଭାବରେ ପୁରା ଦୁନିଆରେ ପ୍ରବଳ ବନ୍ୟା, ମରୁଡ଼ି, କୃଷି ସଂକଟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ପ୍ରକାର ଭୟାନକ ରୋଗ ବୃଦ୍ଧି ଆଦି ବହୁତ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଗ୍ଲୋବାଲ କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୧ ସୂଚୀ ଅନୁସାରେ ଭାରତ ପୃଥିବୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦେଶମାନଙ୍କ ଭିତରେ ଦଶମ ସ୍ଥାନରେ ସ୍ଥାନିତ। ଏହି ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ର ସବୁଠାରୁ ପ୍ରଭାବିତ। କୃଷିକ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଦିଗ ଗୁଡ଼ିକ ହେଲା :-

କୃଷିର ଉତ୍ପାଦନ ହ୍ରାସ : ଜଳବାୟୁ ପରିବର୍ତ୍ତନ ଉପରେ ଅ' ସରକାରୀ ପେନାଲଟି (ଓଚଡଉ) ଦ୍ୱାରା ଆକଳିତ ସନ୍ଦର୍ଭ ଅନୁସାରେ କୃଷି ଉତ୍ପାଦନ ଲାଭ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ଭାରତରେ ୨୦୧୦-୨୦୩୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ମୋଟା ମୋଟି ୪.୫% - ୯% ପ୍ରତିଶତ ଭିତରେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ଅଛି। ୧% ଜଳବାୟୁ ବଢ଼ିଲେ ଏହା ଗହମ ଉତ୍ପାଦନ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଉତ୍ପାଦନ ୧୭% କମିବାର ଆସଙ୍କା ଥାଏ। ଯଦି ୨% ତାପମାନ ବୃଦ୍ଧି ଘଟେ, ତେବେ ଧାନ ଉତ୍ପାଦନ ୦.୭୫% ଟନ ପ୍ରତି ହେକ୍ଟେର କମ୍ ହେବାର ସମ୍ଭାବନା ଅଛି।

କୃଷି ଉତ୍ପାଦନ ଯୋଗ୍ୟ ପରିସ୍ଥିତିର ହ୍ରାସ : ଭାରତରେ ଜଳ ସ୍ରୋତର ହ୍ରାସ ଏବଂ କ୍ରମବର୍ଦ୍ଧିଷ୍ଣୁ ଜଳଭଣ୍ଡାରର ହ୍ରାସ ଯେପରି ଭାବରେ ହ୍ରାସ ପାଉଛି ସେ ପରିସ୍ଥିତିରେ ପରମ୍ପରାଗତ ଜଳସେଚିତ ଦିଗରୁ ନଜର ହଟାଇ ନୂତନ ଏବଂ ଆଧୁନିକ କମ ସମୟରେ ଉତ୍ପାଦନକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବର୍ତ୍ତମାନ ଆମେ ଆମର ପୁରୁଣା କୃଷି ପଦ୍ଧତି ଏବଂ ଆମ ଜମିରେ ଅମଳକ୍ଷମ ଜନିତ ବିହନକୁ ହରାଇ ବସିଛୁ। ଆମେ ବର୍ତ୍ତମାନ ନୂତନ ବିହନ ଯାହା କମ୍ ସମୟ ମଧ୍ୟରେ ଅମଳକ୍ଷମ ହେବ ତା'ଉପରେ ନଜର ଦେବାକୁ ପଡ଼ିବ। ଏକ ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା, ପ୍ରଦ୍ୟୁଷଣ, କୃଷି ଜମିର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ଏବଂ ଜମିର ଉର୍ବରତା ହ୍ରାସ, ଜମି ଶୁଖିଲା ହେବାର ଦୃତ ଅଭିବୃଦ୍ଧି, ପୃଥିବୀରେ ତିନ ଚୌଥାଇ ଭୂମି କ୍ଷେତ୍ରର ଗୁଣବତ୍ତା କମ୍ ହୋଇଯାଇଅଛି। ଦୃତ ଶିଳ୍ପାୟନ, ପୃଥିବୀରେ ତାପମାନ ବୃଦ୍ଧି ୦.୭ଡ଼ିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି। ଏହାଫଳରେ କେତେକ ଫସଲ ଯାହା କମ୍ ତାପମାନରେ ଅଧିକ ଅମଳ ହୁଏ, ତାହା ଉପରେ ନକରାତ୍ମକ ପ୍ରଭାବ ପକାଇବ। ସେହି ଫସଲ ଗୁଡ଼ିକ ହେଲା ଗହମ, ସୋରିଷ ଏବଂ ଆଳୁ ଆଦି ଫସଲ। ଏହା ମଧ ମକା, ଯବର ଏବଂ ଧାନ ଆଦି ଫସଲମାନଙ୍କର ସଂରକ୍ଷଣ ଶକ୍ତିକୁ କମାଇବା ସହିତ ଦାନା ପତଳା ଏବଂ ଅଗାଡ଼ି କରେଇବାରେ ଲାଗିଛି।

ବର୍ଷାର ପରିବର୍ତ୍ତନ : ଭାରତରେ କୃଷକ ସାଧାରଣ କୃଷି ଉତ୍ପାଦନରେ ବର୍ଷା ଉପରେ ନିର୍ଭରଶୀଳ। ବର୍ଷାର ପରିବର୍ତ୍ତନ ଯୋଗୁଁ ଏବଂ ଅଦିନିଆ ବର୍ଷାରେ ଫସଲ ହାନି ଏବଂ ଅଧିକ ବର୍ଷରେ ବନ୍ୟା ଏବଂ କମ୍ ବର୍ଷ ଯୋଗୁଁ ଜମି ଶୁଖିଲା ପଡ଼ିବା ବା ମରୁଡ଼ି ଆଦି ପରିସ୍ଥିତି ପରିଲକ୍ଷିତ ହେଉଛି। ତେଣୁ କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ଗହଳେ ସୃଷ୍ଟି ନାଶ' ର ପରିସ୍ଥିତିର ସ୍ୱାଭାବିକ ଚିତ୍ର ପ୍ରାୟତଃ କ୍ରମାଗତ ଭାବରେ ପରିଲକ୍ଷିତ। ଏତଦ୍‌ବ୍ୟତିତ କମ୍ ବର୍ଷା ଯୋଗୁ ମଧ ଜମିରେ ଲବଣତା ହ୍ରାସ ପାଇବାରେ ଲାଗିଛି। ମଧ ଭାରତରେ ୨୦୫୦ବର୍ଷ ପର୍ଯ୍ୟ' ଶୀତ ଏବଂ ବର୍ଷାରେ ୧୦ ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହେବ।

କାର୍ବନ ଡାଇଅକ୍ସାଇଡର ବୃଦ୍ଧି : ବିଭିନ୍ନ ଗାଡ଼ିରୁ ଏବଂ ଶିଳ୍ପାୟନରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ବିଶ୍ୱ ତାପମାନରେ ୬୦% ପ୍ରତିଶତ ଭାଗିଦାରୀ। ଏହାର କ୍ରମାଗତ ବୃଦ୍ଧି ଯୋଗୁଁ ତାପମାନ ମଧ ବୃଦ୍ଧି ଘଟୁଛି, ଯାହାଫଳରେ ଆମର ଗଛ, ଲତା, ଫସଲ ଉପରେ ଏହାର କୁ ପ୍ରଭାବ ଏବଂ ବିପରୀତ ପ୍ରଭାବ ପଡୁଛି। ଗତ ୩୦-୫୦ ବର୍ଷ ମଧରେ କାର୍ବନ ଡାଇଅକ୍ସାଇଡର ମାତ୍ରା ମୋଟା ମୋଟି ୪୫୦ ପି.ପି.ଏମ୍ (ପଏଣ୍ଟର ମିଲିୟନ) ପର୍ଯ୍ୟନ୍ତ ପହଞ୍ଚି ସାରିଛି। ଏହାର ବୃଦ୍ଧି ଯୋଗୁଁ, ଏହା କେତେକ ଫସଲ ତଥା ଗହମ ଏବଂ ଧାନ ଫସଲ ଉପରେ ବହୁତ ନକାରାତ୍ମକ ପ୍ରଭାବ ଏବଂ କମ୍ ଉତ୍ପାଦକ ପରିସ୍ଥିତି ସୃଷ୍ଟି କରିଛି। କାର୍ବନ ଡାଇକସାଇଡ୍ ବୃଦ୍ଧି-ତାପମାନ ବୃଦ୍ଧି। କୀଟ ଏବଂ ରୋଗର ବୃଦ୍ଧି : ଖାଦ୍ୟ ଏବଂ କୃଷି ସଂଗଠନ (ଋଇଡ଼) ର ଆକଳନ ଅନୁସାରେ, ୨୦୫୦ ପର୍ଯ୍ୟନ୍ତ ବିଶ୍ୱର ଜନସଂଖ୍ୟା ପାଖାପାଖି ୯ ଆରବ ବଢ଼ିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ, କୃଷି କ୍ଷେତ୍ରରେ ରୋଗ ଏବଂ ପୋକମାନଙ୍କର ଅଭିବୃଦ୍ଧି ଘଟିଛି। ଗରମ ଜଳବାୟୁ ଯୋଗୁଁ, କୀଟ ପତଙ୍ଗ ମାନଙ୍କର ପ୍ରଜନନ କ୍ଷମତା ବୃଦ୍ଧି ଘଟେ ଏବଂ ଏହାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟେ, ଯାହାଫଳରେ ଏମାନେ କୃଷିକ୍ଷେତ୍ରକୁ ପ୍ରଭାବିତ କରନ୍ତି ଯଥା କୀଟନାଶକ ରସାୟନ ପ୍ରୟୋଗରେ କୃଷିଯାତ ଦ୍ରବ୍ୟ କମ୍ ଉତ୍ପାଦନ ହୁଏ। ଏହାଫଳରେ ଶୁଖିଲା ମୃର୍ତ୍ତିକାରେ, କେତେକ ଫସଲ ଯଥା ଦ୍ରବ୍ୟର ଅଧିକ ପରିମାଣରେ ହୁଏ କିନ୍ତୁ ଗାୟମୋଟ ଲାଭ ହିସାବରେ କ୍ଷତି ଅଧିକ ହୁଏ। ତେଣୁ ନିସନ୍ଦେହରେ ଆଜିର କୃଷି ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଜଳବାୟୁର ପରବର୍ତ୍ତନର ପଞ୍ଝାରେ ଆବଦ୍ଧ ଓ ଶ୍ୱାସରୁଦ୍ଧ। ତେଣୁ ଯଦି ଆମେ ଏହି ଦିଗଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୃଥିବୀରେ ଘୋର ସଂକଟକାଳ ଅବଶ୍ୟମ୍ଭାବୀ।

ପୂର୍ବତନ ବରିଷ୍ଠ ଅଧିକାରୀ (ବି.ଏସ୍.ଏନ୍.ଏଲ)
ଓ ଆଇନଜିବୀ

## ଅପମାନ

॥ ଅଜୟ କୁମାର ବେହେରା ॥

ସମ୍ମାନ-ଅପମାନ ଦୁଇଟି ଏକ ରେଖାର ଦୁଇପଟ। ଅପମାନ ଅସମ୍ମାନ କରାଏ, ଲୋକ ନିଜର ଅହମିକା ପ୍ରାବଲ୍ୟ ବେଳେ ଖରାଦିନ ଶୀତ ପରି ବୋଧ କରିଥାଏ କିନ୍ତୁ ସମୟ ଦର୍ପ ଚୂର୍ଣ୍ଣ କଲାବେଳେ କେବଳ ଘରକଣରେ କାନ୍ଦିବା ସାର ହୁଏ। ଅଯାଗା ଘା ପରି ଲୋକର ଅନୁଭବ ରହେ। ପ୍ରକୃତରେ ଅପମାନ ଅଯଗା ଘା।

ସୁଖେ ଦୁଖେଃ ସଦା ସ୍ଥିର ଧର୍ମରାଜ ଯୁଧିଷ୍ଠିର ଜୀବନରେ ରାଜବାଟୀ ଜନ୍ମ ହୋଇ ବି ଜଙ୍ଗଲରେ ଘୁରିବା ଦୀର୍ଘ ବର୍ଷର ଏକ କାମ ଥିଲା। ଏକ ବର୍ଷ ଅଜ୍ଞାତବାସ ଏହା ବି ନାମ ଗୋପନରେ ଅନ୍ୟ ରାଜବାଟୀରେ ସ୍ତ୍ରୀର ଚାକରାଣୀ ଦାସୀ ବୃତ୍ତିକୁ ସହ୍ୟ କରି ରହିଛନ୍ତି। ରାଜ କନ୍ୟାକୁ ବିବାହ ହୋଇ କୁମ୍ଭାର ଘରେ ଶାଳାରେ ମାଆ ସ୍ତ୍ରୀଙ୍କ ସହିତ ରାତ୍ରୀ ଯାପନ କରିଛନ୍ତି। ରାଜାନନ୍ଦ ଋତୁପର୍ଣ୍ଣ ରାଜାଙ୍କର ଘୋଡ଼ାଶାଳରେ ନଣ୍ଡି ପୋଛିଛନ୍ତି। ରାଜା ଶ୍ରୀବତ୍ସ ସର୍ବହରା ହୋଇ ଶେଷରେ କାଠୁରିଆ ହୋଇଛନ୍ତି, ଖାଇବାକୁ ପାଇନାହାଁନ୍ତି, ପୋଡ଼ା, ଚେଙ୍ଗ ଗଡ଼ିଆ ମାଛ ତାଙ୍କ ସ୍ତ୍ରୀଙ୍କ ହାତରୁ ପାଣିରେ ପହଁରି ପଳାଇଛି। ହରିଶ୍ଚନ୍ଦ୍ର ରାଜା ରାଜ୍ୟହରା ହୋଇ କାଲୁଆଡ଼ମ୍ବର ନୌକର ହୋଇ ଶ୍ମଶାନ ଜଗୁଆଳ ଚାକର ସାଜିଛନ୍ତି। ଅନେକ ଅପମାନ ବଡ଼ ବଡ଼ ରାଜାଙ୍କ ଜୀବନରେ ଭୋଗ ହେବା ଶାସ୍ତ୍ର ଦର୍ଶାଉଛି। ଏଇ ଶ୍ରୀକ୍ଷେତ୍ରର କାହାଣୀରେ ଅଛି ପୁରୁଷୋତ୍ତମ ଦେବ କାଞ୍ଚିରେ ଅପମାନିତ ହୋଇଛନ୍ତି। ହେଲେ ସେ ଭକ୍ତିର ଆଶ୍ରୟରେ ପ୍ରଭୁ ଭରସାରେ ପୁନଃ ଜିତିଛନ୍ତି। କାଞ୍ଚି କନ୍ୟାକୁ ପ୍ରଭୁଙ୍କ ରଥଯାତ୍ରାରେ ଛେରା ପହଁରା ବେଳେ ପତ୍ନୀ ରୂପେ ଲାଭ କରିଛନ୍ତି। ପ୍ରଭୁ ମାନ ଉଦ୍ଧାରଣ କରନ୍ତି। ଦ୍ରୌପଦୀଙ୍କ ମାନ ରକ୍ଷା କୁରୁ ସଭାରେ କରିବା ଶାସ୍ତ୍ର କହୁଛି। କେହି ଗର୍ବ ଅହଙ୍କାର କଲେ ସେ ଅହଙ୍କାରକୁ ପ୍ରଭୁ ଟାଳି ଦିଅନ୍ତି ତେବେ ସେ ଇଛାମୟ ପୁଣି ଇଛା କଲେ ପୁନଃ ପଦବୀରେ ସ୍ଥାପନ କରିପାରନ୍ତି। ଏପରି ଠାକୁରଙ୍କ ଦରବାରରେ ନିଜର ଭୁଲର ପ୍ରାୟଶ୍ଚିତ କରିବା ନିହାତି ଆବଶ୍ୟକ।

ଅନେକ ଦର୍ପ ଅହଙ୍କାର ଠାକୁରଙ୍କ ଅସହ୍ୟ ଜାଣି ବି ଲୋକେ ମାନବଙ୍କୁ ହେୟ ମନେ କରିବା ଭୁଲ। ଅନେକ ମାନବ ଶକ୍ତି ହିଁ ମାଧବଙ୍କ ଶକ୍ତି। ଯାହା ଏ ରାଜ୍ୟରେ ବହୁମାନବଙ୍କ ଦ୍ୱାରା ନିତ୍ୟ ଆରାଧନାରେ ଅଛନ୍ତି। ନାରୀଙ୍କର ଗର୍ବ ସମ୍ମାନ ତାଙ୍କର ସ୍ୱାମୀଙ୍କର ସାନ୍ନିଧ ପାଇଁ ହୋଇଥାଏ। ସ୍ୱାମୀହରା ସ୍ତ୍ରୀଲୋକ ବିଧବା, ଦରିଦ୍ର, ଅସହାୟ। ନାରୀର ଯୁଦ୍ଧରେ ବୀରଗତିରେ ସ୍ତ୍ରୀ ଗୌରବାନ୍ୱିତ ସମ୍ମାନିତ ମାତ୍ର କାଳେ ତାଙ୍କ ପ୍ରତି ଅନ୍ୟର ବଳ ତାକୁ ସତୀତ୍ୱରୁ ଟାଳି ଦେବ ଏ ପାଇଁ ସେମାନେ ସ୍ୱାମୀର ସହମରଣ ବା ସ୍ୱାମୀଙ୍କର ନିଧନ ଶୁଣୁ ଶୁଣୁ ଆପେ ଆପେ ଟଳି ପଡ଼ନ୍ତି ବି ଅଗ୍ନୀରେ ଝାସ ଦିଅନ୍ତି ବା ଜହରବ୍ରତ କରିଥାନ୍ତି। ଏଥିରୁ ମାନ ସମ୍ମାନ ପ୍ରକୃତରେ ବିଚାର ଦିଗ ଗୁଡ଼ିକ କଳ୍ପନାକୁ ଆସିଥାଏ। ଅୟସ କରଜ କରି ଘର କିଣିବା, କରଜ କରି ଗାଡ଼ି କିଣିବା, କରଜ କରି ଶେଷରେ ନଶୁଝିଲେ ଆସେ ଗୁରୁତର ଅପମାନର ବିଭିନ୍ନ ସ୍ରୋତ। ଦିନିକିଆ ସୌକରୁ କଣ ମିଳେ ଘେରାଉରେ ପଡ଼ିବା ବେଳେ ଚିନ୍ତନରେ ଆସେ। ମିଥ୍ୟାରେ କପଟରେ ଛଳନାରେ ଏକ ପଦବୀରେ ପ୍ରବେଶ କରିବା ପରେ ଧର ପକଡ଼ରେ ସାର୍ଟିଫିକେଟ ଯାଞ୍ଚରେ ଧରାପଡ଼ିଲେ ଅବସ୍ଥା ଘାୟଲ ସିଂହ ଚମଡ଼ାରେ ଗଡ଼ ଚଳିଲେ, ଶୃଗାଳ ନୀଳରଙ୍ଗରେ ରଙ୍ଗାଇ ହୋଇଗଲେ ଯେ ଗଧ ଗଧ ନୁହେଁ ବା ଶୃଗାଳ ଶୃଗାଳ ନୁହେଁ ଏକଥା ନିଶ୍ଚ ଧରାପଡ଼େ। ଶେଷରେ ଅପମାନ ଦଣ୍ଡ ପ୍ରାଣ ହାନୀ ହିଁ ହୋଇପାରେ। କୃଷ୍ଣସର୍ପ ଫଣାରେ କେତେ ଦିନ ନିଜ ଜାତିଭାଇଙ୍କୁ ମରାଇ ବସିବ, ବନ୍ଧୁ ଭାବିଥିବା କୃଷ୍ଣସର୍ପ ହିଁ ଦିନେ ଅଭାବରୁ ଶେଷ କରିବ ଏକଥା କ'ଣ ସଂସ୍କୃତ ଗଳ୍ପପାଠରୁ ଭୁଲି ଯାଇଛକି ? ବେଙ୍କୁକ ନମ୍ବର ଏକ ଯେ ପର ପାଇଁ ହୁଏ ଟେକ, ଏପରି କେବେ ଭୁଲ କେହି ନକରନ୍ତୁ। ଆମର ବଡ଼ଭାଇ ଅଛନ୍ତି ବଳୁଆ ତାଙ୍କର ବାହୁ ଆଶ୍ରାରେ ଆମେ ସଦା ପାରି ହୋଇପାରିବା ଏ ଆଶା କେହି କରନ୍ତୁନାହିଁ। ଉଦଯୋଗ କରନ୍ତୁ ବୁଦ୍ଧି ପ୍ରୟୋଗ କରି ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରନ୍ତୁ। ଶୁଖିଲା ରୁଟି ମୁଡ଼ି ଗଣ୍ଡେ ଖାଇ ବଞ୍ଚନ୍ତୁ କେବେ ପର ପାଇଁ ପଲାଉ ଖେଚେଡ଼ି ପାଇ ବଞ୍ଚିବା ଅଢ଼େଇ ଦିନିଆଁ କରନ୍ତୁ ନାହିଁ। ଲାଞ୍ଚ ମିଛ ଦୁର୍ନୀତିରେ କେବେ ବଞ୍ଚିବାକୁ ଚେଷ୍ଟା କରନ୍ତୁ ନାହିଁ।

ରତ୍ନାକର ଡାକୁ ଦିନେ ଏଇ ମାର୍ଗରେ ଥିଲେ। ବ୍ରହ୍ମା ନାରଦ ତାଙ୍କୁ ଅନେକ ଚେଷ୍ଟାରେ ବାଲ୍ମିକୀ କରିବା ସାଧନାକୁ ଆଣିଥିଲେ। ବ୍ରହ୍ମା ନାରଦ ଏ ଯୁଗରେ କିଏ ? ବ୍ରହ୍ମା ହେଉଛନ୍ତି ସୃଷ୍ଟିର ସ୍ଥିର ନିୟମ ମାନ ଆଉ ନାରଦ ହେଉଛନ୍ତି ଚେତେଇ ଦେଉଥିବା ଖବରମାନ। ଯହିଁରେ ଦୋଷ ରହୁଛି ତ୍ରୁଟି ରହୁଛି। ରତ୍ନାକର କିଏ ରତ୍ନ ତ ମୂଲ୍ୟବାନ ସମ୍ପତ୍ତି, ଏଇ ପ୍ରକ୍ରିୟାରେ ଅନ୍ୟାୟ ପଥ ଆପଣେଇବା ବ୍ୟକ୍ତି ବିଶେଷ। ମାନ-ଅପମାନରେ କେବଳ ମାନ ସଦା ମିଳିବା ସମ୍ଭବ ନୁହେଁ ହେଲେ ମାନ ପାଇଁ ଅହରହ ଚେଷ୍ଟା ପରିଶ୍ରମରେ ଅର୍ଜନ ରହିପାରେ ମାତ୍ର ସବୁଥାଇ କୁଚେଷ୍ଟା କ୍ଷଣକରେ ବାରବର୍ଷ ତପ ଶୁଖୁଆ ଝୋଳରେ ଲୁଟ ହୋଇଯାଏ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଲକ୍ଷ୍ମଣ ବାଗ ଆଦିବାସୀଙ୍କୁ ଦୂଷିତ କହିବା ଘଟଣା ଥାନାର ଦ୍ୱାରସ୍ଥ ହେଲେ ଆଦିବାସୀ କଲ୍ୟାଣ ସଂଘ



ପାଟଣାଗଡ, (ମହାଭାରତ) : କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଆଦିବାସୀ ‘ଦୂଷିତ ’ ବୋଲି ଓ ଟିଭିର ଖୋଲାକଥାରେ ମନ୍ତବ୍ୟ ଦେଇଥିବା ବେଳେ ଆଜି ପାଟଣାଗଡ଼ ଆଦିବାସୀ କଲ୍ୟାଣ ସଂଘ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇଛନ୍ତି । ଯେଉଁ ମନ୍ତବ୍ୟଟି ସମଗ୍ର ଆଦିବାସୀ ସମାଜଙ୍କ ପ୍ରତି ଅପମାନ ଅପମାନ ହୋଇଛି ସେଥି ଲାଗି ଆଜି ପାଟଣାଗଡ଼ ଥାନାରେ ଲକ୍ଷ୍ମଣ ବାଗ ବିରୁଦ୍ଧରେ ଥାନାରେ ମାମଲା ପଡ଼ିଲା । ଯେଉଁ ମନ୍ତବ୍ୟ କଣ୍ଟାବାଞ୍ଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗଙ୍କ ଦ୍ୱାରା ଆଦିବାସୀ ସମ୍ପ୍ରଦାୟ ବିରୋଧରେ ଅପମାନଜନକ, ମାନହାନିକର, ଭେଦଭାବମୂଳକ ଓ ଘୃଣା ପ୍ରଚାରକ ବକ୍ତବ୍ୟ ପ୍ରଦାନ କରିବା ଘଟଣାରେ ମାମଲା ରୁଜୁ କରି ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଥାନାରେ ଏତଲା ଦେଇଛନ୍ତି । ଶ୍ରୀ ବାଗ ଆଦିବାସୀମାନଙ୍କୁ “ଦୂଷିତ ଆଦିବାସୀ” ବୋଲି ସମ୍ବୋଧନ କରିଥିବା ସହ “ଆଦିବାସୀ ମାନେ ଅଞ୍ଚଳର ପ୍ରଦୂଷଣ” ବୋଲି କହିଥିବା ଅଭିଯୋଗ ରହିଛି । ଏହି ପ୍ରକାରର ଉକ୍ତି କେବଳ ଆଦିବାସୀ ସମ୍ପ୍ରଦାୟର ଭାବନାକୁ ଆଘାତ ଦେଇନାହିଁ, ବରଂ ସମଗ୍ର ଆଦିବାସୀ ସମାଜର ସମ୍ମାନ, ଗୌରବ, ମର୍ଯ୍ୟାଦା, ସାମ୍ବିଧାନିକ ପରିଚୟ ଓ ମୌଳିକ ଅଧିକାର ଉପରେ ପ୍ରତ୍ୟକ୍ଷ ଆକ୍ରମଣ ସଦୃଶ । ଉକ୍ତ ମନ୍ତବ୍ୟ ଆଦିବାସୀ ସମ୍ପ୍ରଦାୟକୁ ସାମାଜିକ ଭାବେ ହୀନ, ଅଶୁଦ୍ଧ ଓ ଅବାଞ୍ଛିତ ବୋଲି ଚିତ୍ରଣ କରିବାର ପ୍ରୟାସ, ଯାହା ଜନଜାତି ସମ୍ପ୍ରଦାୟ ବିରୋଧରେ ଘୃଣା, ବିଦ୍ୱେଷ, ସାମାଜିକ ବର୍ଜନ ଏବଂ ଭେଦଭାବକୁ ପ୍ରୋତ୍ସାହିତ କରୁଛି । ଏହାଦ୍ୱାରା ଆଦିବାସୀ ସମାଜର କୋଟି କୋଟି ଲୋକଙ୍କ ସ୍ୱାଭିମାନ ଓ ସାମାଜିକ ମର୍ଯ୍ୟାଦା ଗଭୀର ଭାବରେ କ୍ଷୁଣ୍ଣ ହୋଇଛି ବୋଲି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ କହିଛି । ତେଣୁ ଋଓଜ ରୁଜୁ କରି ଆଇନ ଅନୁଯାୟୀ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଥାନାରେ ଏତଲା ଦେଇଛି ।

## ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ବାଇକ୍ ଗ୍ୟାରେଜ୍ ମାଲିକ ମୃତ

ଗଣିଆ, (ମହାଭାରତ): ଗଣିଆ ଥାନା ଅନ୍ତର୍ଗତ ପଣ୍ଡରାସିଙ୍ଗା ଛକଠାରେ ରବିବାର ସନ୍ଧ୍ୟାରେ ଏକ ସ୍ୱର୍ଶକାତର ହତ୍ୟାକାଣ୍ଡ ଘଟିଯାଇଛି । ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ୨୬ ବର୍ଷୀୟ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତ ଯୁବକ ଜଣକ ହେଲେ ପାତୁରିଆ ଗ୍ରାମର ରବୀନ୍ଦ୍ର କୁମାର ନାୟକ । ସୂଚନା ଅନୁଯାୟୀ, ରବୀନ୍ଦ୍ର ପଣ୍ଡରାସିଙ୍ଗା ଛକରେ ଏକ ମୋଟରସାଇକେଲ ଗ୍ୟାରେଜ୍ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଗ୍ୟାରେଜ୍‌ରେ ବସି ପଇସା ଗଣୁଥିବା ସମୟେ ହଠାତ୍ ଦୁର୍ବୃତ୍ତମାନେ ତାଙ୍କ ଡାହାଣପକ୍ଷ ଛାତିରେ ଗୁଳି ଚଳାଇଥିଲେ । ଯାହାଫଳରେ ସେ ସେଠାରେ ହିଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଟଳି ପଡ଼ିଥିଲେ । ଗୁଳିମାଡ଼ ପରେ ସ୍ଥାନୀୟ ଲୋକେ ଓ ପରିବାର ପକ୍ଷରୁ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ମୋଟରସାଇକେଲ ଯୋଗେ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ’ମୃତ’ ଘୋଷଣା କରିଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ନୃଶଂସ ହତ୍ୟାକାଣ୍ଡ ଘଟାଯାଇଥିବା ନେଇ ରବୀନ୍ଦ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ ଆଣିଛନ୍ତି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ସମେତ ସ୍ଥାନୀୟ ଏସଡିପିଓ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଖୁବ୍ ଶୀଘ୍ର ଅଭିଯୁକ୍ତମାନେ ଗିରଫ ହେବେ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## କଦଳୀ ବୁଦାରୁ ନବଜାତ ଶିଶୁ ଉଦ୍ଧାର

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲାର କାକିରିଗୁମା ଅଞ୍ଚଳରେ ରବିବାର ସକାଳେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । କାକିରିଗୁମା ସନ୍ତୋଷୀ କଲୋନୀ ନିକଟସ୍ଥ ଏକ କଦଳୀ ବୁଦା ମଧ୍ୟରୁ ନବଜାତ ଶିଶୁର କାନ୍ଦିବା ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ ।ସୂଚନା ପାଇବା ପରେ କାକିରିଗୁମା ଥାନା ଆଇଆଇସି ସୁଲଚନା ପ୍ରଧାନ ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ସେଠାରେ ଏକ ନବଜାତ ଶିଶୁକୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ଉଦ୍ଧାର କରାଯାଇଥିଲା । ପୋଲିସ ପ୍ରଥମେ ଶିଶୁଟିକୁ କାକିରିଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ । ପରେ ଆଇଆଇସି ଶ୍ରୀମତୀ ପ୍ରଧାନ ନିଜେ ଶିଶୁଟିକୁ କୋରାପୁଟସ୍ଥ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇ ଉନ୍ନତ ଚିକିତ୍ସାର ବ୍ୟବସ୍ଥା କରିଥିଲେ । ଚିକିତ୍ସା ପରେ ଶିଶୁଟିକୁ ଚାଇଲ୍ଡ ଲାଇନ୍‌ର ଜିମ୍ମାରେ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି । କିଏ ଏବଂ କେଉଁ ପରିସ୍ଥିତିରେ ନବଜାତ ଶିଶୁଟିକୁ ଏଭଳି ଭାବେ ପରିତ୍ୟାଗ କରିଛି, ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଘଟଣାଟି ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ କାକିରିଗୁମା ଆଇଆଇସି ଶ୍ରୀମତୀ ସୁଲଚନା ପ୍ରଧାନଙ୍କ ତତ୍ପରତା ଓ ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଉଛି ।

## ପାଣିରେ ବୁଡି ମହିଳାଙ୍କ ମୃତ୍ୟୁ

ଆଳି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମରେ ରଜ ଅବସରରେ ଏକ ଅଘଟଣ ଘଟିଯାଇଛି । ଗ୍ରାମର ବାସନ୍ତୀ ଚାନ୍ଦ (୬୨)ବର୍ଷର ଜଣେ ମହିଳା ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ସଂଲଗ୍ନ ପାଣି ଜୋରରେ ଶୌଚ ବେଳେ ପ୍ରାଣ ହରାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ବାସନ୍ତୀ ବ୍ରାହ୍ମଣୀ ନଦୀ ସଂଲଗ୍ନ ପାଣିଜୋରକୁ ସକାଳ ୯ଟା ସମୟରେ ଗାଧୋଇବାକୁ ଯାଇଥିଲେ । ସେ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ଯୋର ନିକଟରେ ପହଞ୍ଚି ତାଙ୍କୁ ଖୋଜା ଖୋଜି କରି ପାଣିରୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ଯୋଗେ ପରିବାର ଲୋକ ବାସନ୍ତୀଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ଡାକ୍ତର ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ ।

## ଚିକିତ୍ସାଧୀନ ଖବରଦାତାଙ୍କ ଅକାଳ ମୃତ୍ୟୁ

କରଞ୍ଜିଆ, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସମାଜ ଏବଂ ଏମବିସି ଟିଭିର ସାମ୍ବାଦିକ ଦିଲ୍ଲୀପ କୁମାର ମହାନ୍ତଙ୍କ ରବିବାର ସକାଳ ୪.୩୦ ମିନିଟ ସମୟରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ଦେହାନ୍ତ ହୋଇ ଯାଇଛି । ତାଙ୍କ ମୃତ୍ୟୁ ଖବର ଶୁଣି କରଞ୍ଜିଆ ଉପଖଣ୍ଡ ଓ ମୟୁରଭଞ୍ଜ ଜିଲ୍ଲା ଖବରଦାତାଙ୍କ ମଧ୍ୟରେ ଶୋକର ଛାୟା ଖେଳିଯିବା ସହିତ ଠାକୁରମୁଣ୍ଡା ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି । ସେ ୩ ବର୍ଷ ପୂର୍ବରୁ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହେବା ପରେ ଚିକିତ୍ସିତ ହୋଇ ଭଲ ହୋଇ ଯାଇଥିଲେ । କିନ୍ତୁ କିଛି ମାସ ପୂର୍ବରୁ ପୁଣି ସେ ସେହି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଘରେ ଥାଇ କିଛିଦିନ ବ୍ୟବଧାନରେ ଭୁବନେଶ୍ୱର ର ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ଆସିବା କରି ଚିକିତ୍ସିତ ହେଉଥିଲେ । କିନ୍ତୁ ଶନିବାର ଦିନ ସେ ଗୁରୁତର ହୋଇ ପଡିବାରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ।

# ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ଛୁରୀରେ ଆକ୍ରମଣ



କରଞ୍ଜିଆ, (ମହାଭାରତ) : ଅନ୍ଧବିଶ୍ୱାସ ଓ ଡାହାଣୀ ସନ୍ଦେହକୁ କେନ୍ଦ୍ର କରି ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କ ଉପରେ ଛୁରୀରେ ଆକ୍ରମଣ ହୋଇଥିବା ଘଟଣା ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଜରକ ପଞ୍ଚାୟତର ୩ ନମ୍ବର ୱାର୍ଡ ସ୍ଥିତ ବନମୁଣ୍ଡା ଗ୍ରାମରେ ଘଟିଛି । ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ବନମୁଣ୍ଡା ଗ୍ରାମର ସମ୍ବାରୀ ମହାକୁଡ (୮୦) ଗତକାଲି ରାତି ପ୍ରାୟ ୯ଟା ସମୟରେ ନିଜ ଘରେ ଥିବା ବେଳେ ସେହି ଗ୍ରାମର ଟୁନୁ ବରଜ (୨୪) ସେଠାରେ ପହଞ୍ଚି ହଠାତ୍ ତାଙ୍କ ଉପରେ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣ ସମୟରେ ସମ୍ବାରୀଙ୍କ ପୁଅ ବୁଦ୍ଧିଆ ମହାକୁଡ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ମାଆଙ୍କ ଉପରେ ଛୁରୀ ଆକ୍ରମଣ ହେଉଥିବା ଦେଖି ସେ ତୁରନ୍ତ ଆଗକୁ ବଢ଼ି ତାଙ୍କୁ ଉଦ୍ଧାର କରିଥିଲେ । ଫଳରେ ଏକ ବଡ଼ ଅଘଟଣ ଟଳିଯାଇଛି । ଏହି ଆକ୍ରମଣରେ ବୃଦ୍ଧାଙ୍କ ବାମପଟ କାନ୍ଧ ଓ ହାତରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି । ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆଜି ସକାଳେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତରମାନେ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ଘରକୁ ଛାଡ଼ି ଦେଇଥିବା ସୂଚନା ମିଳିଛି । ଆହତ ବୃଦ୍ଧାଙ୍କ ପୁଅ ବୁଦ୍ଧିଆ ମହାକୁଡଙ୍କ କହିବା ଅନୁଯାୟୀ, ଟୁନୁ ବରଜ ତାଙ୍କ ମାଆଙ୍କୁ ଡାହାଣୀ ସନ୍ଦେହ କରି ଏହି ଆକ୍ରମଣ କରିଥିଲେ । ଦୀର୍ଘଦିନ ଧରି ଏଭଳି ସନ୍ଦେହକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ମନୋମାଳିନ୍ୟ ଥିବା କଥା ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ତେବେ ଏ ସମ୍ପର୍କରେ ମହୁଲଡିହା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଏପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନାହିଁ । ଅଭିଯୋଗ ପ୍ରାପ୍ତ ହେଲେ ଘଟଣାର ତଦନ୍ତ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି । ଗ୍ରାମାଞ୍ଚଳରେ ଏବେ ମଧ୍ୟ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ହିଂସାତ୍ମକ ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏଭଳି କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି ସହ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ବ୍ୟକ୍ତିଙ୍କ ଉପରେ ଚଢ଼ିଗଲା ବାଇକ

କପ୍ତିପଦା, (ମହାଭାରତ) : ଘର ବାହାରେ ରାସ୍ତା ପାଖରେ ବସିଥିଲେ, ହେଲେ କିଏ ଜାଣିଥିଲା ଏମିତି ଆସିବ ମୃତ୍ୟୁ! ଦ୍ରୁତଗତିରେ ଆସି ବାଇକ ଆରୋହୀ ବ୍ୟକ୍ତିଙ୍କ ଉପରେ ଗାଡି ଚଢାଇ ଦେଇଛନ୍ତି, ଯାହା ଫଳରେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ପାଗଡାଡିହା ଗ୍ରାମରେ । ଗ୍ରାମର ସୁକୁରାମ ସିଂ ଆଜି ମଧ୍ୟାହ୍ନରେ ଘର ସାମ୍ନା ରାସ୍ତା ପାଖରେ ବସିଥିଲେ । ଏହି ସମୟରେ ପୋଡାଡିହା ଆଡୁ ଦ୍ରୁତଗତିରେ ଗୋଟିଏ ବାଇକରେ ୩ ଜଣ ଯୁବକ ଆସି ସୁକୁରାମଙ୍କ ଉପରେ ଚଢାଇ ଦେଇଥିଲେ । ଯାହା ଫଳରେ ବାଇକରେ ଥିବା ଯୁବକମାନେ ଛିଟିକି ପଡି ଗୁରୁତର ହେବା ସହିତ ସୁକୁରାମ ମଧ୍ୟ ଗୁରୁତର ହୋଇଥିଲେ । ପରେ ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସୁକୁରାମ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏବଂ ୩ ଜଣ ବାଇକ ଆରୋହୀଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଥିବା ବେଳେ ଦାମାସାହି ଗ୍ରାମର ରତନ ମାର୍କଣ୍ଡିଆ ଏବଂ କରନ ସିଂ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

## ମା’ ମହାକାଳ ନକଆଉଟ କ୍ରିକେଟ, ପୋଖରୀବନ୍ଦ ଚମ୍ପିୟନ



ଲାଞ୍ଜିଗଡ, (ମହାଭାରତ) : ଲାଞ୍ଜିଗଡ ବ୍ଲକ ପୋଖରୀବନ୍ଦ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ମା ମହାକାଳ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ପୋଖରୀବନ୍ଦ ଓ ଅମ୍ବାଦୁଲା ମଧ୍ୟରେ ହୋଇଥିଲା ଇପୋଖରୀବନ୍ଦ ପ୍ରଥମେ ବ୍ୟାଟିଂ କରି ୧୨ଓଭରେ ୬ଉଇକେଟ ହରାଇ ୧୨୯ରନ କରିଥିଲା । ଜବାରେ ଅମ୍ବାଦୁଲା ଦଳ ସମାନ ଓଭରେ ୫ ଉଇକେଟ ହରାଇ ୧୨୪ରନରେ ସୀମିତ ରହିଥିଲା ଓ ଫଳରେ ପୋଖରୀବନ୍ଦ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା ଓ ସୁଶାନ୍ତ ମାଝୀ ଓ ରଣଜିତ ମାଝୀ ଖେଳ ପରିଚାଳନା କରିଥିବା ଶୁଭମ ବାଣୁଆ ରୋହିତ ହରିଜନ ଧରା ବିବରଣୀ ପ୍ରଦାନ କରିଥିଲେ ଓ ଉଦଯାପନୀ ଉତ୍ସବରେ ବିଶ୍ୱନାଥ ପୁର ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଡ଼ଃ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଓ ପୋଖରୀବନ୍ଦ ପଞ୍ଚାୟତ ର ସରପଞ୍ଚ ସସ୍ମିତା ମାଝୀ, ବକଟପୁର ଗୌନ୍ତିଆ ବିକ୍ରମାଦିତ୍ୟ ବାରିକ, ପୋଖରୀବନ୍ଦ ଗ୍ରାମ ଗୌନ୍ତିଆ କୁଳମଣି ବାଣୁଆ, ଭବାନୀ ଶଙ୍କର ବାଣୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ଗତ ୫ତାରିଖ ରୁ ଆରମ୍ଭ ହୋଇଥିଲା ଓ ଟୁର୍ନାମେଣ୍ଟ ରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୧୬ଦଳ ଅଂଶଗ୍ରହଣ କରିଥିଲେ ଓ ବିଜେତାଙ୍କୁ ଟ୍ରଫି ଓ ମେଡାଲ ସହିତ ୨୦ହଜାର ଟଙ୍କା ଏବଂ ଉପବିଜେତା ଙ୍କୁ ଟ୍ରଫି ଓ ମେଡାଲ ସହିତ ୧୦ହଜାର ପୁରସ୍କାର ରାଶି ମୁଖ୍ୟ ଅତିଥିଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା ।

## ପାଟଣା ବିଭିନ୍ନ ସ୍ଥାନରେ ରଜପର୍ବ ପାଳିତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ରେ ରଜପର୍ବ ପାଳିତ ହୋଇ ଛି । ଏହି ରଜପର୍ବ ଓଡ଼ିଆ ସମ୍ପ୍ରଦାୟ ଏକ ମହତ୍ୱ ପର୍ବ ହୋଇ ଥିବା ବେଳେ ସମସ୍ତ ଘରେ ବିଭିନ୍ନ ପ୍ରକାର ପିଠା ତିଆରି ସହିତ କୁଆଁରୀ ଯୁବତୀ ମହିଳା ମାନେ ନୂତନ ବସ୍ତ୍ର ପରିଧାନ କରିବା ରଜଗୀତ,ପୁଚିଖେଳ,ଶବର ଖେଳ ସହିତ ସାତ ଦିନ ଧରି ଗାଁ ରେ ବିଭିନ୍ନ ତିଆରି ଦୋଳି ରେ ଖେଳୁ ଥିବା ଦେଖିବାକୁ ମିଳି ଛି ।

## ଗୁରୁସିଙ୍ଗା ଠାରେ ନବରଙ୍ଗପୁର ଜିଲ୍ଲା ଗଣ୍ଡ ସମାଜ ସାଂସ୍କୃତିକ କାର୍ଯ୍ୟକାରିଣୀ ବୈଠକ




ଝରିଗାଁ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ଠାରେ ନବରଙ୍ଗପୁର ଜିଲ୍ଲା ଗଣ୍ଡ ସମାଜର ଏକ ଜିଲ୍ଲା ସ୍ତରୀୟ ଗଣ୍ଡ ସାଂସ୍କୃତିକ ସମାଜ ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ଗଣ୍ଡ ସମାଜର ରୀତିନୀତି, ପରମ୍ପରା,କଳା ସଂସ୍କୃତି ଓ ଚଳଣି ଆଦି ଉପରେ ଦୃଷ୍ଟି ଦିଆଯାଇଥିଲା। ଏହି ପ୍ରାଚୀନ ସଂସ୍କୃତି ର ସୁରକ୍ଷା ଏବଂ ଗଣ୍ଡ ସମ୍ପ୍ରଦାୟ ର ଏକତା ଏବଂ ଅଭିବୃଦ୍ଧି କୁ ତ୍ୱରାନ୍ୱିତ ରଖିବା ଲାଗି ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କ ନିଷ୍ପତି କ୍ରମେ ଗଣ୍ଡ ସମାଜ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା।ସମାଜର ବୁଦ୍ଧିଜୀବୀ ମାନଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ଶ୍ରୀଯୁକ୍ତ ରମେଶ ମାଝୀଙ୍କୁ ସଭାପତି, ଝରୀଗାଁ ବ୍ଲକ ୩ ନମ୍ବର ଜୋନ ଜିଲ୍ଲାପରିଷଦ ଶ୍ରୀମତୀ ତ୍ରମିଳା ପୂଜାରୀଙ୍କୁ ଉପ ସଭାପତି,ଯଦୁଲାଲ ମାଝୀଙ୍କୁ ସମ୍ପାଦକ,ମୋହନ ନାୟକଙ୍କୁ ସହ ସମ୍ପାଦକ,ହନୁମନ୍ତ ମାଝୀଙ୍କୁ କୋଷାଦକ୍ଷ ଭାବେ ଚୟନ କରାଯାଇଥିବା ବେଳେ ସୋମନାଥ ମାଝୀ,ଧନସିଂ ମାଝୀ, ରୂପସିଂ ସୋରୀ,ଈଶ୍ୱର ପୋଟା,ମାର୍କଣ୍ଡ ମାଝୀ ପ୍ରମୁଖଙ୍କୁ ଧଙ୍ଗଡାମାଝୀ ଭାବେ ଚୟନ କରାଯାଇଥିଲା। ଉପରୋକ୍ତ ପଦାଧିକାରୀ ବ୍ୟକ୍ତି ମାନେ ଲୋପ ପାଉଥିବା ପରମ୍ପରା,କଳା ସଂସ୍କୃତି, ରୀତିନୀତି,ଚଳଣି, ଆଦିକୁ ବଞ୍ଚେଇ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ସମାଜର ଜନସାଧାରଣଙ୍କୁ ସଚେତନ କରିବେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।

## ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ ଅନୁଷ୍ଠିତ

ଗଞ୍ଜାମ, (ମହାଭାରତ) : ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର ତରଫରୁ ବର୍ଷ ୨୦୨୬ ନିମନ୍ତେ ‘ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ’ ରେଭେନ୍ୟୁ ଡାକ ବଙ୍ଗଳା ସଭାଗୃହ ଠାରେ ଆୟୋଜିତ ହୋଇଯାଇଅଛି । ଏହି ଉତ୍ସବରେ ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ଡ କବିତା ବାରିକ ମୁଖ୍ୟବକ୍ତା, ଡ ସ୍ମୃତି ପଟ୍ଟନାୟକ ନିମନ୍ତ୍ରିତ ବକ୍ତା, ଦାମୋଦର ପାତ୍ର ଓ ଦେବେନ୍ଦ୍ର କୁମାର ବାଉରୀ ସମ୍ମାନୀତ ଅତିଥି ସହ ନିମନ୍ତ୍ରିତ ଅତିଥି ରୂପେ ବିଦେଶୀ ନାୟକ, ରବି ରଥ, ସୁଧାଂଶୁ ଶେଖର ସାହୁ, ହୃଷୀକେଶ ଗୌଡ, ପ୍ରତୀକ୍ଷା ଜେନା ଯୋଗ ଦେଇଥିଲେ ।

ଡ ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱ ଏବଂ ଭାଗୀରଥି ବେହେରାଙ୍କ ସଂଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଲେଖିକା ଡଃ କବିତା ବାରିକ ’କଥାକାର ସମ୍ମାନ ’, ଭଦ୍ରକରୁ ଗାଳ୍ପିକ ମେଜର ମନୋରଂଜନ ମହାନ୍ତି ଓ କେନ୍ଦୁଝରରୁ ଗାଳ୍ପିକା ସନ୍ତୋଷିନୀ ଗିରି ‘ଯୁବ ଗାଳ୍ପିକ ସମ୍ମାନ’, ଗଞ୍ଜାମର ଜିଲ୍ଲାର ଗାଳ୍ପିକା ସରୋଜିନୀ ’ ଗଳ୍ପ ପୁସ୍ତକ ସମ୍ମାନ’ରେ ସମ୍ମାନିତ ହେଲାବେଳେ ଗଞ୍ଜାମ ଜିଲ୍ଲାରୁ ଗାଳ୍ପିକ ତ୍ରିନାଥ ବେହେରା, ଅନୁଗୁଳରୁ ଗାଳ୍ପିକା ଭୁବନେଶ୍ୱରୀ ମିଶ୍ର, କୋରାପୁଟରୁ ଡଃ ସବିତା ଶତପଥୀ, କେନ୍ଦ୍ରାପଡାରୁ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ଭୁବନେଶ୍ୱରରୁ ଗାଳ୍ପିକ ଦାମୋଦର ପାତ୍ର, ମାଲକାନଗିରିରୁ ଗାଳ୍ପିକ ପ୍ରଦୀପ ସରକାରଙ୍କୁ ‘ଗଳ୍ପ ପ୍ରତିଭା ସମ୍ମାନ’ ପ୍ରଦାନ କରାଗଲା ।

## ବସ ଚକା ତଳେ ଚାଲିଗଲା ବୃଦ୍ଧଙ୍କ ଜୀବନ

କପ୍ତିପଦା, (ମହାଭାରତ) : ରାସ୍ତାରେ ଚାଲି ଚାଲି ଯାଉଥିଲେ ବୃଦ୍ଧ । ହେଲେ ବସଷ୍ଟାଣ୍ଡ ରୁ ବାହାରି ଉଦଳା ଅଭିମୁଖେ ଆସୁଥିବା ବସ ବୃଦ୍ଧଙ୍କୁ ଧକ୍କା ଦେଲା, ଆଉ ଗୋଡ଼ ଉପରେ ବସ ଚଢାଇ ଦେଲା । ବୃଦ୍ଧ ହେଲେ ଗୁରୁତର । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ବସଷ୍ଟାଣ୍ଡରେ । ସାହୁ ନାମକ ଏକ ଘରୋଇ ବସ ବାଲେଶ୍ୱର ରୁ ଉଦଳା ଅଭିମୁଖେ ଆସୁଥିଲା । କପ୍ତିପଦା ବସଷ୍ଟାଣ୍ଡରେ ବସ ବୁଲାଇ ଲୋକଙ୍କୁ ଓହ୍ଲାଇ ଉଦଳା ଅଭିମୁଖେ ଆସୁଥିଲା । ବସଷ୍ଟାଣ୍ଡ ରୁ ବାହାରିଥିବା ବେଳେ ରାସ୍ତାରେ ଯାଉଥିବା ଫୁଲବାଡିଆ ଗ୍ରାମର ଅଭୟ ଦଣ୍ଡପାଟଙ୍କୁ ଧକ୍କା ଦେଇଥିଲା । ଫଳରେ ଅଭୟ ତଳେ ପଡି ଯାଇଥିଲେ ଏବଂ ବସ ତାଙ୍କ ଦୁଇ ଗୋଡ଼ ଉପରେ ଚଢି ଯାଇଥିଲା । ସ୍ଥାନୀୟ ଲୋକେ ଏହା ଦେଖିପାରି ପାଟି କରିବା ସହିତ ବସକୁ ଅଟକାଇଥିଲେ । ପରେ ଖବର ପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣା ଘଟାଇଥିବା ବସ କୁ ଜବତ କରି ଥାନାକୁ ନେଇଥିବା ବେଳେ ଗୁରୁତର ଅଭୟଙ୍କ ର ଉଦଳା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥା ରେ ମୃତ୍ୟୁ ହୋଇଥିଲା ।

# ସାରସ୍ୱତ ବାଲ ମନ୍ଦିରରେ ଶିକ୍ଷା ଓ ଶିକ୍ଷକ କର୍ମଶାଳା



ଜୟପୁର, (ମହାଭାରତ) : ଜୟପୁର ଜୟନଗର ସ୍ଥିତ ପାଇକ ସାହି ସାରସ୍ୱତ ବାଲ ମନ୍ଦିରରେ ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତ୍ତିକ କର୍ମଶାଳା,‘ଶିକ୍ଷା ଓ ଶିକ୍ଷକ କର୍ମଶାଳା‘ ଶିକ୍ଷୟିତ୍ରୀମାନଙ୍କୁ ନେଇ ପାଳିତ ହେଲା । ଅନୁଷ୍ଠାନର ଅଧ୍ୟକ୍ଷା, ଶିକ୍ଷୟିତ୍ରୀଗଣ, ପରିଚାଳନା କମିଟିର ପୂର୍ଣ୍ଣ ସହଯୋଗରେ ଏହି ୧୦ ଦିନିଆ କର୍ମଶାଳା ହୋଇପାରି ଥିଲା । ତା- ୫. ୬. ୨୬ ସନ୍ଧ୍ୟା ୫. ୧୦ ମି. ସମୟରେ ଆରମ୍ଭ ହୋଇଥିବା ଏହି କର୍ମଶାଳା ଆଜି ତା ୧୪. ୬. ୨୬ ରିଖରେ ଶେଷ ହେଲା । ପ୍ରଥମ ଦିନ ମନସ୍ତତ୍ତ୍ୱବିତ ଏନ ସୁଧାକର, ଦ୍ୱିତୀୟ ଦିନରେ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଏବଂ ନିରଞ୍ଜନ ପାଣିଗ୍ରାହୀ ଲିଖନ ଓ ପଠନ ମନେ ରଖିବା ବିଷୟରେ ଶିକ୍ଷୟିତ୍ରୀମାନଙ୍କୁ କୌଶଳ ପ୍ରଦାନ କରିଥିଲେ । ତୃତୀୟ ଦିନରେ କଳା ପ୍ରଶିକ୍ଷକ ନୃସିଂହ ଷଡ଼ଙ୍ଗୀ ଏବଂ ପଦ୍ମଚରଣ ଚୌଧୁରୀ ବିଭିନ୍ନ ଚିତ୍ର, କାଗଜରେ ମୂର୍ତ୍ତି, ଏବଂ ହସ୍ତ କାରିଗରୀ ଓ କଳା କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଜୀବନଶୈଳୀରେ ଚିତ୍ର, ଚାରୁକଳାର ଆବଶ୍ୟକତା ଉପରେ ଆଲୋକପାତ ମଧ୍ୟ କରିଥିଲେ । ସଂଗୀତ ଶିକ୍ଷାରେ ସାହାଯ୍ୟ କରିଥିଲେ ମନୋରଞ୍ଜନ ଦାଶ । ସେ ‘ଗୀତହିଁ ପିଲାଙ୍କ ପ୍ରକୃତ ଆହାର‘ ବିଷୟବସ୍ତୁକୁ ଉପସ୍ଥାପନ କରିଥିଲେ । ପାଠଶାଳାରେ ବ୍ୟାକରଣ, ପରେ ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ‘ଶିକ୍ଷାଦାନରେ ଚିତ୍ରାଙ୍କନ‘ ଏବଂ ରାଧାମୋହନ ପଣ୍ଡାଙ୍କ ଦ୍ୱାରା ‘ହିନ୍ଦୀ ଜୀବନ କି ଧାରାହେ‘, ଏମ୍. ଡ଼ି. ସାରିଫଙ୍କ ଦ୍ୱାରା ’ଜ୍ଞାନ ହି ବିଜ୍ଞାନ ହେ‘, ଉଦୟ ଶଙ୍କର ଯାନୀଙ୍କ ଦ୍ୱାରା ‘ପିଲାଙ୍କ ମନସ୍ତତ୍ତ୍ୱ‘, ଦିଲୀପ ପଣ୍ଡାଙ୍କ ଦ୍ୱାରା ‘ସାହିତ୍ୟରେ ବିଜ୍ଞାନ‘ ଓ ‘ଜାତୀୟ ଶିକ୍ଷାନୀତି‘, ବରିଷ୍ଠ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ିଙ୍କ ଦ୍ୱାରା ‘ଶୁଦ୍ଧି ଅଶୁଦ୍ଧି‘, ଅମର ମିଶ୍ରଙ୍କ ଦ୍ୱାରା ‘ଶିକ୍ଷାରେ ଅଭିନୟ‘ ଏବଂ ଶେଷରେ ନିରଞ୍ଜନ ପାଣିଗ୍ରାହୀ ଙ୍କ ଦ୍ୱାରା ନାଟକ. ‘ଏଫୋର୍ଟ ନେଭେର ଡାଇସ‘ ପରିଚାଳନା କରାଯାଇଥିଲା । ଏହି କର୍ମଶାଳାଟିକୁ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଅଧକ୍ଷା ରିତାଲି ସାହୁ ପୂର୍ବତନ ବରିଷ୍ଠ ଉଦଘୋଷକ ତଥା ନାଟ୍ୟକାର ଉଦୟ ଶଙ୍କର ଯାନୀ ବିଦ୍ୟାଳୟର ସଭାପତି ଅନୁପ କୁମାର ସାମନ୍ତରାୟ ଉଜଉଉ ବିଜୟ ଲକ୍ଷ୍ମୀ ସ୍ୱାଇଁ ବାର୍ଷିକ କର୍ମଶାଳାଟିକୁ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମରେ ନିଶାରାଣୀ ସାହୁ, ମୈତ୍ରୀ ପ୍ରହରାଜ, ଲୋପାମୁଦ୍ରା ପଟ୍ଟନାୟକ, ରତିକଳା ପାଣ୍ଡବ, ବୈଜୟନ୍ତୀ ସ୍ୱାଇଁ, ସ୍ମିତା ରଥ, ଟିକିନା ତ୍ରିପାଠୀ, ତନୁଶ୍ରୀୟା ରାଉତ, ମାମୁନି ସ୍ୱାଇଁ, ସ୍ୱର୍ଣ୍ଣଲତା ମଲ୍ଲିକ, ରୀନା ଗୌଡ଼ ଏବଂ ଅଭିଭାବକଙ୍କ ଉପସ୍ଥିତିରେ ଚଳଚଞ୍ଚଳ ହୋଇଥିଲା କାର୍ଯ୍ୟକ୍ରମ । ଏଭଳି ଏକ ପ୍ରାଥମିକ ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମଟି ପିଲା ଏବଂ ଶିକ୍ଷୟତ୍ରୀଙ୍କ ପାଠ ପଢାକୁ ସୁନ୍ଦର ସରସ କରିପାରିବ । ଅନୁଷ୍ଠାନର ସାଧନା, ନିଷ୍ଠା ଓ କର୍ତ୍ତବ୍ୟନିଷ୍ଠତା ପ୍ରତିଫଳିତ ହେଉଥିଲା । ଏହି କାର୍ଯ୍ୟକ୍ରମରେ କିଛି ପିତା ମାତା ଏବଂ ଅଭିଭାବକ ଯୋଗଦାନ କରି ଅନୁଷ୍ଠାନର ଭୁୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମଟି ସଭାପତି ଅନୁପ କୁମାର ସାମନ୍ତରାୟଙ୍କ ଦେଖା ରେଖାରେ ହୋଇପାରିଥିଲା । ବିଦ୍ୟାଳୟର ଅଧକ୍ଷା ରିତାଲି ସାହୁ ଏବଂ ଅନ୍ୟାନ୍ୟ ଶିକ୍ଷୟତ୍ରୀମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିଲା ।

## ଆରଏସପି ସିନିୟର ସିଟିଜେନ୍ ୱେଲଫେୟାର ଗ୍ରୁପର ସାଧାରଣ ବୈଠକ



ରାଉରକେଲା : ଇସ୍ପାତ କାରଖାନା ଅବସରପ୍ରାପ୍ତ ସିନିୟର ସିଟିଜେନ ୱେଲଫେୟାର ଗ୍ରୁପ ପକ୍ଷରୁ ଏକ ବୈଠକ ଆବାହକ ପ୍ରଭାକର ମଲ୍ଲିକଙ୍କ ଆହ୍ୱାନରେ  ସେକ୍ଟର-୧୬ ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ  ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପରିଚାଳନା କମିଟି ଗଠନକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖୀ ନୀତି ଓ କର୍ମଚାରୀ ବିରୋଧୀ ପଦକ୍ଷେପ ପ୍ରତିବାଦରେ ଏହି ଆଲୋଚନା ଆୟୋଜିତ ହୋଇଥିଲା । ଲାଇସେନ୍ସ ଆଧାରରେ ଅବସରପ୍ରାପ୍ତ କର୍ମଚାରୀମାନେ ନେଇଥିବା କ୍ୱାର୍ଟରର ଏକ୍ସଟେନସନ୍ ଭଙ୍ଗା ନୋଟିସର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ୧୮ ମାସିଆ କ୍ୱାର୍ଟର ରିଟେନସନ୍ ସ୍କିମ୍ର ପୁନଃ ପ୍ରଚଳନ ଏବଂ କର୍ମରତ କର୍ମଚାରୀଙ୍କ ପାଇଁ ଡବଲ୍ କ୍ୱାର୍ଟର ସ୍କିମକୁବଳବତ୍ତର ରଖିବା ଦାବିରେ ଅନୁଷ୍ଠିତ ଏହି ବୈଠକରେ ଶତାଧିକ ସଂଖ୍ୟାରେ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ବିଭିନ୍ନ ଶ୍ରମିକ ସଂଗଠନ, ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ଆରଏସପି ସମର୍ଥନ ଜଣାଇଥିଲେ । ଧବଳେଶ୍ୱର ମହାଦେବଙ୍କ ପାଖରେ ପୂଜାର୍ଚ୍ଚନା କରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।  ଏହି ଅବସରରେ ବିଧାୟକ ଶ୍ରୀ ନାୟକ ଉଦବୋଧନ ଦେଇଥିଲେ । ।

## ପିଇବା ପାଣି ପାଇଁ ବିକଳ ଅବସ୍ଥାରେ ପଡ଼ାବାସୀ

# ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଜନସାଧାରଣ

ଗାଣିଆ,: ଗାଣିଆ ବ୍ଲକର ବେଲପଡା ପଂଚାୟତ ର ଗ୍ରାମ ପଞ୍ଚ ପକ୍ଷଖରେ ଥିବା ମହାନ୍ତି ସାହି ର ଜନସାଧାରଣ ପିଇବା ପାଣି ପାଇଁ ଡହକ ବିକଳ ଅବସ୍ଥାରେ କାଳାତିପାତ କରୁଛନ୍ତି ।ସୂଚନା ଥାଉକି ଖରାଦିନ ଆସିଲେ ସାହି ବାସିନ୍ଦା ଙ୍କ ପିଇବା ପାଣି ପାଇଁ ଚିନ୍ତା ମାଡ଼ିବସେ । ଏହି ସାହିରେ ନଳକୂପ ଟିଏ ନଥିବା ବେଳେ ଗ୍ରାମ୍ୟ ଜଳାଯୋଗାଣ ବିଭଗ ପକ୍ଷରୁ ପାଇପ ପାଣି ବ୍ୟବସ୍ଥା ରହିଥିବା ବେଳେ ଏଠାକୁ ପାଣି ଆସୁନଥିବା ଯୋଗୁଁ ପିଇବା ପାଇଁ ହନ୍ତସନ୍ତ ସାହି ବାସିନ୍ଦା । ଏମାନଙ୍କ ପିଇବା ପାଇଁ ନଳକୂଅ ଟିଏ ଖୋଳା ଯାଇନଥିବା ବେଳେ ଟ୍ୟାଙ୍କର ଯୋଗେ ମଧ ପାଣି ଟୋପାଏ ଦିଆଯାଉନାହିଁ । ଦିନଟିଏ ପାଣି ଆସିଲେ ଦୁଇଦିନ ବନ୍ଦ ରହୁଛି ସେଥିରେ ମଧ କାଳ ବୈଶାଖୀ ହେଲେ ବିଦ୍ୟୁତ ତାର କଟିବା ଯୋଗୁଁ ତିନି ଚାରିଦିନ ପର୍ଯ୍ୟନ୍ତ ପାଣି ପାଇଁ ହାହାକାର ଅବସ୍ଥାରେ କାଳାତିପାତ କରୁଛନ୍ତି । ଏ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ ସ୍ଥାନୀୟ ପ୍ରଶାସନ କର୍ଣ୍ଣ ଗୋଚର କରୁନାହିଁ । ଏ ଭଳି ସମସ୍ୟାର ସମାଧାନ ଯଦି ତୁରନ୍ତ କରା ନ ଯାଏ ତେବେ ଆଗାମୀ ଦିନରେ ଜନସାଧାରଣ ରାଜରାସ୍ତା କୁ ଓଲ୍ହାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ

## ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ  କମ ଦରରେ ବିକ୍ରି

ଗଜପତି: ଗଜପତି ଜିଲ୍ଲାରେ ଶୀତଳ ଭଣ୍ଡାର ନଥିବାରୁ ଚାଷୀ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବଜାର ରେ କମ୍ ଦରରେ ବିକ୍ରୀ କରୁଛନ୍ତି ।  ଉଦ୍ୟାନ ବିଭାଗ ପକ୍ଷ ରୁ ହୋଇଥିବା ଶୀତଳ ଭଣ୍ଡାର ଅଚଳ ହୋଇ ପଡିଛି । ଦୀର୍ଘବର୍ଷ ହେଲା କାମ କରୁନାହିଁ । ଲକ୍ଷାଧିକ ଟଙ୍କାର ମେସିନ ନଷ୍ଟ ହୋଇଗଲାଣି କିନ୍ତୁ ବିଭାଗ  ହାତ ଟେକି ଦେଇଛି ।  ଏପଟେ ସରକାର ପ୍ରତି ବ୍ଲକ ରେ ଓ ପଞ୍ଚାୟତରେ ଶୀତଳ ଭଣ୍ଡାର କରିବାର  ଲକ୍ଷ କହୁଥିବା ବେଳେ  ବର୍ତ୍ତମାନ୍ ସୁଦ୍ଧା ସରକାର ଗଜପତି ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏହି ଅବହେଳା ସରକାର ଙ୍କ ଉଦାସୀନତା  ନୟ ଇଚ୍ଛା ଶକ୍ତି ର ଅଭାବ ବୋଲି ଜନ ସାଧାରଣ ମନ୍ ରେ ପ୍ରଶ୍ନ ସୃଷ୍ଟି କରିଛି ଲୋକଙ୍କ ସରକାର ଚାଷୀ ଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷୀ ଉପକୃତ ହେବେ ।



## ଇଏସ୍ଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ନେଇ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଦାବିପତ୍ର



ରାଉରକେଲା : ହିନ୍ଦ୍ ମଜଦୁର ସଭା ପକ୍ଷରୁ ରାଉରକେଲାରେ ଇଏସ୍ଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ନେଇ କର୍ମଚାରୀ ରାଜ୍ୟ ବୀମା ନିଗମ ତଥା ଇନସୁରାନ୍ସ କମିଶନର ଓ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ଜେଲ ରୋଡ ସ୍ଥିତ ଇଏସ୍ଆଇସି ମଡେଲ ହସ୍ପିଟାଲର ଅଧିକ୍ଷଙ୍କ ପ୍ରକୋଷ୍ଠରେ ହିନ୍ଦ୍ ମଜଦୁର ସଭାର ଏକ ପ୍ରତିନିଧି ମଣ୍ଡଳୀ, ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ଜଗବନ୍ଧୁ ଜେନା, ଦିଲ୍ଲୀପ ଜେନା, ବିମଳ ବେହୁରିଆ, ରାକେଶ ଚନ୍ଦ, ତନ୍ମୟ ରଥ, ଅଶୋକ କୁମାର ଦାଶ, ଶ୍ରୀମତୀ ବିଦୁରେଖା ସାହୁ ପ୍ରମୁଖ ଇନସୁରାନ୍ସ କମିଶନର ପ୍ରଣୟ ସିଂହ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ରାଉରକେଲାରେ ଇଏସ୍ଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ସ୍ଥାପନା ସହିତ ମଡେଲ ହସ୍ପିଟାଲକୁ ତୁରନ୍ତ ୧୫୦ ଶଯ୍ୟା ବିଶିଷ୍ଟ କରାଯିବା ନେଇ ଆଲୋଚନା କରିଥିଲେ ।ଏଥିସହ ଖାଲିଥିବା ଅସ୍ଥିସଲ୍ୟ ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ଏବଂ ଡିଜିଟାଲ ଏକ୍ସରେ ତୁରନ୍ତ ସ୍ଥାପନ କରିବାକୁ ପ୍ରତିଶ୍ରୁତି ସହିତ ଆଇ.ଜି.ଏଚ୍.ରେ ରେଫର ରୋଗୀଙ୍କୁ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ ଓ ଔଷଧ ରୋଗୀଙ୍କୁ ପୂର୍ବଭଳି କିଣିବାକୁ ପଡ଼ିବନି, ଆଇ.ଜି.ଏଚ୍. କର୍ତ୍ତୃପକ୍ଷ ରୋଗୀ ସୁସ୍ଥ ହେବା ପର୍ଯ୍ୟନ୍ତ ଜିରୋ ଖର୍ଚ୍ଚରେ ଚିକିତ୍ସା କରିବା, ମଡେଲ ହସ୍ପିଟାଲରେ ମେଲ ଇଣ୍ଡୋର । ପୁରୁଷ ଅର୍ନ୍ତ ବିଭାଗରେ ସେଣ୍ଟ୍ରାଲ ଏୟାର କଣ୍ଡିସନ କାମ କରୁନଥିବାରୁ ଚାରୋଟି ଚେମ୍ବରରେ ଚାରୋଟି ଏୟାର କଣ୍ଡିସନ ଲଗାଇବାକୁ ନିଷ୍ପତ୍ତି ଓ ମଡେଲ ହସ୍ପିଟାଲରେ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା ଅର୍ଥ ଅନିୟମିତତାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଲୋଚନା ପରେ ପ୍ରତିଶୃତି ଦେଇଥିଲେ ।

## ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ସହ ଆରଏସପି ରାଖଡ ପରିବହନ ନେଇ ଚୁକ୍ତି




ରାଉରକେଲା: ରାଖଡ ପରିବହନକୁ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ଏବଂ ଆରଏସପିରୁ ରାଖଡ ପରିବହନ କରୁଥିବା ବାହାରର ଗାଡିଗୁଡିକୁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାମାନେ ଜୁନ୍ ୮ ତାରିଖରୁ ଆରମ୍ଭ କରିଥିବା ଧର୍ମଘଟ ଜୁନ୍ ୧୦ ତାରିଖ ଦିନ ଅର୍ଥାତ ତୃତୀୟ ଦିନ ଆଲୋଚନା ପରେ ଶେଷ ହୋଇଥିଲା । ଏହି ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଦୁର୍ଗା ଚରଣ ତନ୍ତୀ ସମର୍ଥନ ଜଣାଇବା ସହିତ ତୁରନ୍ତ ଏହାର ସମାଧାନ କରି ରଘୁନାଥପାଲି ଟିପ୍ପର ମାଲିକ ସଂଘକୁ ମାଲ ପରିବହନ ପାଇଁ ଅନୁମତି ଦେବାକୁ ଆରଏସପି କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଜଣାଇଥିଲେ । ଜୁନ ୧୦ ତାରିଖ ଦିନ ଆରଏସପି କର୍ତ୍ତୃପକ୍ଷ, ମାଲ ପରିବହନ କରୁଥିବା ଏସ୍ଏସ୍ ଟ୍ରେଡିଂ, ସ୍ୱସ୍ତିକ୍ ଏଣ୍ଟରପ୍ରାଇଜେସ୍ ଏବଂ ଏଟିଚ୍ୟୁଡ୍ ଏକ୍ଜିମ୍ ପ୍ରାଇଭେଟ୍ ଲିମିଟେଡ୍, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ, ସିଆଇଏସ୍ଏଫ୍ ଅଧିକାରୀଙ୍କ ସମେତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହେବା ପରେ, ଧର୍ମଘଟକୁ ପ୍ରତ୍ୟାହୃତ କରାଯାଇଥିଲା ।

## ଗଞ୍ଜାମ ଜିଲ୍ଲାଗସ୍ତରେ ଆସି ଦୁଇ ପ୍ରକଳ୍ପ ଅଗ୍ରଗତିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ



ଛତ୍ରପୁର:  ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂସାରୀ ଗଣ୍ଡ ଓ ଗଙ୍ଗାପୁର ସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରଥମେ ଋଷିକୁଲ୍ୟା ନଦୀ ଉପରେ କଂସାରୀଗଣ୍ଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଭିତ୍ତିଭୂମି ତଦାରଖ କରିଛନ୍ତି । ଏହି ପ୍ରକଳ୍ପଟି  ୧୮ ଅକ୍ଟୋବର ୨୦୨୨ ଆରମ୍ଭ ହୋଇଥିଲା ମାତ୍ର ୨୦୨୫ ମସିହା ଅକ୍ଟୋବର ମାସ ୧୭ ତାରିଖ ରେ ଶେଷ ହେବାର ଥିଲା । ତେବେ ଏହାର ସମୟ ସୀମା ବୃଦ୍ଧି କରାଯାଇ ୨୦୨୭ ମସିହା ଅଗଷ୍ଟ ମାସ ୧ ତାରିଖ ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହାକୁ ନିର୍ଦ୍ଧାରିତ ସମୟସୀମା ତଥା ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।୧୫୨.୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହେଲେ ୨ ଟି ସହରାଞ୍ଚଳ ସମେତ ୧୬ ଟି ଗ୍ରାମର  ୧ ଲକ୍ଷ ୫୨ ହଜାର ୬୦୦ ଜନସାଧାରଣ ଉପକୃତ ହୋଇପାରିବେ । ପ୍ରାୟ ୨୦୪ ମିଟର ଦୈର୍ଘ୍ୟ ଯାଗାରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଉଭୟ ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ପାନୀୟ ଜଳ ଯୋଗାଣ ସାଙ୍ଗକୁ ଜଳସେଚନ ଆଦି କ୍ଷେତ୍ରରେ ମଧ ସୁବିଧା ହୋଇପାରିବ । ଏଣୁ ଏହି ପ୍ରକଳ୍ପ ଉପଯୋଗୀ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ । ସେହିପରି ଛତ୍ରପୁର ବ୍ଲକର ପୋଟଲାମପୁର ପଂଚାୟତ ଅନ୍ତର୍ଗତ ଗଙ୍ଗାପୁର ଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ସୂଚନା ଯୋଗ୍ୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ଛତ୍ରପୁର ବ୍ଲକର ସମସ୍ତ ପଂଚାୟତ ଓ ଗଞ୍ଜାମ ବ୍ଲକର ୨ ଟି ପଂଚାୟତ, ରଙ୍ଗେଇଲୁଣ୍ଡା ବ୍ଲକର ୩୧ଟି ପଂଚାୟତ ର ମୋଟ ୧୫୫ ଟି ଗ୍ରାମର ୩ ଲକ୍ଷ ୪୨ ହଜାର ୪୨୧ ଜନସାଧାରଣ ଉପକୃତ ହୋଇପାରିବେ । ଏହି ପ୍ରକଳ୍ପଟି ୨୦୨୧ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଏହାର କାର୍ଯ୍ୟ ଏବେ ସୁଦ୍ଧା ଶେଷ ହୋଇପାରିନାହିଁ । ବହୁ ବିଳମ୍ବ ଘଟିଛି । ଏବେ ନୂତନ ସରକାର ଆସିବା ପରେ ଏହାର ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଉଛି । ଏହି ପ୍ରକଳ୍ପ କୁ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ଏହି ସମୀକ୍ଷା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ ଓ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନୀ ଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ମାନେ ଉପସ୍ଥିତ ଥିଲେ ।

## ହ୍ୟୁମାନିଟି ଫାଉଣ୍ଡେସନ ଆଶ୍ରମରେ  ରଜଉତ୍ସବ ପାଳିତ



ରାଉରକେଲା: ସାମାଜିକ ଅନୁଷ୍ଠାନ ହ୍ୟୁମାନିଟି ଫାଉଣ୍ଡେସନ ତରଫରୁ ଜଗଦା ସ୍ଥିତ ମାନବ ସେବା ପ୍ରତିଷ୍ଠାନ ଠାରେ ରଜଉତ୍ସବ ପାଳନ କରିଛି । ଫାଉଣ୍ଡେସନର ପ୍ରତିଷ୍ଠାତା ବିଜୟ ସୁନ୍ଦରାୟଙ୍କ ଆବାହକତ୍ୱ ଅଧକ୍ଷା ଦିପ୍ତୀ ସୁନ୍ଦରା । ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅନ୍ତେବାସୀ ମାନଙ୍କ ମଧ୍ୟରେ ଉପମା, ଘୁଗୁନି,ମିଠା, କେକ୍ କାଟି ଖାଇବାକୁ ଦେବା ସହ ସମସ୍ତଙ୍କ ଅଳତା,ଟିକିଲି,କଲମ ଓ ଅନ୍ୟାନ୍ୟ ଉପହାର ପ୍ରଦାନ କରିଥିଲେ । ସେହିପରି ଅନୁଷ୍ଠାନ ର ଦୁଇଜଣ ସଦସ୍ୟା ଶୁଭଲକ୍ଷ୍ମୀ ପାତ୍ର ଓ ପ୍ରିୟଙ୍କା ପାଣି ଙ୍କ ଜନ୍ମ ଦିବସ ପାଳନ କରାଯାଇ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରତିଷ୍ଠାନର ପରିଚାଳିକା ହେମନ୍ତା ତାଣ୍ଡିଆ ଙ୍କ ଉପସ୍ଥିତି ରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସମ୍ପାଦିକା ଲୀନା ତ୍ରିପାଠୀ, ଶୁଭଲକ୍ଷ୍ମୀ ପାତ୍ର, ପ୍ରିୟଙ୍କା ପାଣି,ଲିପ୍ସା ମହାରଣା, କବିତା ଦଳାଇ, ଶର୍ମିଳା ଦୀପ,ଅମ୍ରିତ କୈୟର, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଗୀତାରାଣୀ ଆଚାର୍ଯ୍ୟ, ସ୍ମିତା ପୁହାଣ, ସୁମିତ୍ରା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧକ୍ଷା ଶ୍ରୀମତୀ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୀରାକୁଦ ଜଳଭଣ୍ଡାର ଜମି ଲିଜ୍ ଦେବା ଅନ୍ତରାଷ୍ଟ୍ରୀୟ ରାମସର ସନ୍ଧି ନୀତିର ଖୋଲା ଉଲଂଘନ



ସମ୍ବଲପୁର: ବାଡ ଯଦି ଫସଲ ଖାଏ ଏବଂ ରକ୍ଷକ ଯଦି ଭକ୍ଷକ ହୁଏ ତେବେ ଗୁହାରୀ କରିବା କାହାକୁ । ଅବିଭକ୍ତ ସମ୍ବଲପୁର ଜିଲ୍ଲା ଓ ଅଧୁନା ଛତିଶଗଡ ର ୩୨୯ ଟି ଗ୍ରାମ ର ଅଧିବାସୀଙ୍କ ତ୍ୟାଗ, ବଳିଦାନ,ଲୁହ ,ଲହୁ ରେ ନିର୍ମିତ ବିଶ୍ୱ ର ଦୀର୍ଘତମ ନଦୀବନ୍ଧ ହୀରାକୁଦ ଜଳଭଣ୍ଡାର ର ଜମି କୁ ଶିଳ୍ପାୟନ ପାଇଁ ଲିଜ୍ ରେ ଦିଆଯିବା ପାଇଁ ଚାଲିଥିବା ଅବିଚାରିତ ବେଆଇନ ପ୍ରକ୍ରିୟା କୁ ଜନସାଧାରଣ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏବେ ଜୋରଦାର ବିରୋଧ ଜାରି ରହିଛି ।  ଜଳଭଣ୍ଡାର ଏବଂ ବିଭିନ୍ନ ଜଳଉତ୍ସ କୁ ପ୍ରକୃତି ଅର୍ଥାତ ପୃଥିବୀ ର ବୃକକ୍(କିଡନୀ) ବୋଲି ପରିବେଶବି ବୈଜ୍ଞାନିକ ମାନଙ୍କ ମତୟ ମଣିଷ ର ସୁସ୍ଥ ଶରୀର ପାଇଁ ବୃକକ୍ ର ଯେମିତି ଗୁରୁତ୍ୱୟ ସୁସ୍ଥ  ପ୍ରକୃତି ତଥା ପୃଥିବୀ ପାଇଁ ବୃକକ୍ ହୋଇ ଥିବା  ଜଳଭଣ୍ଡାର, ଜଳଉତ୍ସ ଆଦି ର ସୁରକ୍ଷା ଅତି ଜରୁରୀୟ ବିକାଶ ର ନାଁ ରେ  ଜଳଭଣ୍ଡାର ଓ ଜଳଉତ୍ସ ର ବିନାଶ କରିବା  ପୃଥିବୀର ବିନାଶ କୁ ନିମନ୍ତ୍ରଣ କଲା ସଦୃଶ ।  ହୀରାକୁଦ ଜଳଭଣ୍ଡାର ଅନ୍ତଃରାଷ୍ଟ୍ରିୟ ରାମସର୍ ଅର୍ଥା  ମହିତ୍ୱପୂର୍ଣ୍ଣ ଗୁରୁତ୍ୱ ବହନ କରୁଥିବା ଆର୍ଦ୍ର ଭୂମି ତାଲିକା ରେ ଅନ୍ତର୍ଭୁକ୍ତ ହୋଇଛି । ଜୈବିକ ବିବିଧତା ଓ ପରିବେଶ ବିବିଧତାର ସନ୍ତୁଳନ ଦୃଷ୍ଟି ରୁ ଜଳଭଣ୍ଡାର ର ସଂରକ୍ଷଣ ରକ୍ଷଣାବେକ୍ଷଣ କରିବା ସହିତ ଜୈବିକ,  ପ୍ରାକୃତିକ, ପରିବେଶଗତ ବିବିଧତା ଅକ୍ଷୁର୍ଣ୍ଣ ରଖିବା  ନୈତିକ ଦାୟିତ୍ୱ ସରକାର ଙ୍କ ରହିଥିବା ବେଳେ ଏଭଳି ବୈଶ୍ୱିକ ଗୁରୁତ୍ୱ ରଖୁଥିବା ରାଷ୍ଟ୍ରିୟ ସମ୍ପଦ କୁ ବ୍ୟବସାୟିକ ଲାଭ ଲୋଭ ପାଇଁ ଶିଳ୍ପ ସଂସ୍ଥା ହାତ ରେ ଟେକି ଦେବା ଚରମ ବିଡମ୍ବନାର ବିଷୟ । ରାମସର ତାଲିକାଭୁକ୍ତ ଆର୍ଦ୍ର ଭୂମି ର କିସମ ପରିବର୍ତ୍ତନ, ପ୍ରଦୂଷଣ, ଜବରଦଖଲ, ଜମି ଅତିକ୍ରମଣ ଶିଳ୍ପାନୁଷ୍ଠାନ ର ବର୍ଜ୍ୟବସ୍ତୁ ଡମ୍ପିଂ, ଅନ୍ୟ କ୍ଷେତ୍ର ରେ ଉପଯୋଗ ପାଇଁ ଜମି ପରିବର୍ତ୍ତନ ଆଦି ଆର୍ଦ୍ର ଭୂମି କୁ କ୍ଷତି କଲା ଭଳି ବିନାଶକାରୀ ପ୍ରକ୍ରିୟା ରୋକିବାକୁ ରାମସର ସନ୍ଧି ର ନୀତି ରେ ଉଲ୍ଲେଖ ଅଛି । କେନ୍ଦ୍ର ସରକାର ମଧ୍ୟ ଆର୍ଦ୍ର ଭୂମି ର ସଂରକ୍ଷଣ ଓ ସୁରକ୍ଷା ୨୦୧୭ ରେ ରେ ଆଇନ୍ ପ୍ରଣୟନ କରି ୨୦୧୯ ଓ ୨୦୨୦ ରେ ସଂଶୋଧନ କରି ଆଇନ୍ କୁ କଡାକଡି ଭାବରେ ଲାଗୁ କରାଯିବା ର ଆଇନ ରେ  ବ୍ୟବସ୍ଥା ରହିଛି । ଏହାବ୍ୟତୀତ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ର ସ୍ପଷ୍ଟ ନିର୍ଦ୍ଦେଶ ରେ ଜଳ ଭଣ୍ଡାର, ଜଳାଶୟ,ବନ୍ଧ, କଟା,ପୋଖରୀ ଆଦି ଜଳ ଉତ୍ସ କିସମ ଥିବା ଜମିର କିସମ ପରିବର୍ତ୍ତନ କରିବା ଉପରେ ନିଷେଧାଦେଶ ଜାରି କରାଯାଇଛି ।

# ଏମଭି  ୭୯ରେ ମିନି ବସ୍ଷ୍ଟାଣ୍ଡ ର୍ନିମାଣ ଦାବି

## ଜମି ଅଧିଗ୍ରହଣକୁ ଦୁଇ ଦଶନ୍ଧି, ବସ୍ଷ୍ଟାଣ୍ଡ ର୍ନିମାଣ ଏଯାଏ ସ୍ୱପ୍ନ




ମାଲକାନଗିରି ଜିଲ୍ଲାର ସୀମାନ୍ତ ତଥା ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏମ୍ଭି-୭୯ (ରାମନଗର) ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ବସ୍ଷ୍ଟାଣ୍ଡ ର୍ନିମାଣ ହୋଇନଥିବାରୁ ସ୍ଥାନୀୟ ଲୋକ ଓ ହଜାର ହଜାର ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବସ୍ଷ୍ଟାଣ୍ଡ ର୍ନିମାଣ ପାଇଁ ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇନଥିବାରୁ ଅ□ଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଜାତୀୟ ରାଜପଥ-୩୨୬ ଉପରେ ଅବସ୍ଥିତ ଏମ୍ଭି-୭୯ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଯାତାୟାତ କେନ୍ଦ୍ର ଭାବେ ପରିଚିତ । ଏହି ଅଞ୍ଚଳ ମାଲକାନଗିରି ଜିଲ୍ଲାକୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ସହ ସଂଯୋଗ କରୁଛି । ଏହି ମାର୍ଗ ଦେଇ ପ୍ରତିଦିନ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା, ହାଇଦ୍ରାବାଦ, ବିଜୟୱାଡା ସମେତ ବିଭିନ୍ନ ସହରକୁ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରୁଛି । ଅନେକ ଦୂରଗାମୀ ବସ୍ ଏଠାରେ ରାତ୍ରିକାଳୀନ ବିଶ୍ରାମ (ନାଇଟ୍ ହଲ୍ଟ) କରୁଥିଲେ ମଧ ଯାତ୍ରୀଙ୍କ ପାଇଁ ଆବଶ୍ୟକ ବସ୍ଷ୍ଟାଣ୍ଡ କିମ୍ବା ସୁବ୍ୟବସ୍ଥିତ ପ୍ରତୀକ୍ଷାଳୟର ଅଭାବ ରହିଛି ।ବର୍ତ୍ତମାନ ବସଗୁଡ଼ିକ ଜାତୀୟ ରାଜପଥ ଉପରେ ହିଁ ରହୁଥିବାରୁ ଅନ୍ୟ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି । ବିଶେଷକରି ବ୍ୟସ୍ତ ସମୟରେ ଟ୍ରାଫିକ୍ ଜଟିଳତା ସହ ଦୁର୍ଘଟଣାର ଆଶଙ୍କା ମଧ ବଢୁଛି । ଖରା, ବର୍ଷା ଓ ଶୀତ ଋତୁରେ ବସ୍କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଖୋଲା ଆକାଶ ତଳେ ଠିଆ ହୋଇ ରହିବାକୁ ବାଧ୍ୟ ହେଉଥିବା ବେଳେ ମହିଳା, ବୃଦ୍ଧ ଓ ଶିଶୁମାନେ ସର୍ବାଧିକ ହଇରାଣ ହେଉଛନ୍ତି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବହୁ ବର୍ଷ ଧରି ଏଠାରେ ଏକ ମିନି ବସ୍ଷ୍ଟାଣ୍ଡ ର୍ନିମାଣ ପାଇଁ ଦାବି ହୋଇଆସୁଥିଲେ ମଧ ପ୍ରଶାସନ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ । ବସ୍ଷ୍ଟାଣ୍ଡ ର୍ନିମାଣ ହେଲେ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଅପେକ୍ଷା ବ୍ୟବସ୍ଥା, ବସ୍ ଚାଳକ ଓ କର୍ମଚାରୀଙ୍କ ପାଇଁ ବିଶ୍ରାମ ସୁବିଧା ସହ ଅଞ୍ଚଳର ବ୍ୟବସାୟିକ ଓ ଆର୍ଥିକ ବିକାଶକୁ ମଧ ଗତି ମିଳିପାରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି ।ଏହାସହ ଏଠାରେ ସରକାରୀ ଅର୍ଥରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ର୍ନିମାଣ ହୋଇଥିଲେ ମଧ ତାହାର ସଠିକ୍ ଉପଯୋଗ ହୋଇପାରୁନାହିଁ । ଯେଉଁ ସ୍ଥାନରେ ପ୍ରତୀକ୍ଷାଳୟ ର୍ନିମାଣ କରାଯାଇଛି, ସେଠାରେ ଅଧିକାଂଶ ବସ୍ ରହୁନଥିବାରୁ ଯାତ୍ରୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ଫଳରେ ସରକାରୀ ଅର୍ଥରେ ର୍ନିମିତ ଏହି ପ୍ରତୀକ୍ଷାଳୟ ପ୍ରାୟ ଅକାମୀ ହୋଇପଡ଼ିଛି ।ଦକ୍ଷିଣ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାଞ୍ଜିଟ୍ ପଏଣ୍ଟଭାବେ ପରିଚିତ ଏମ୍ଭି-୭୯ରେ ଶୀଘ୍ର ଏକ ମିନି ବସ୍ଷ୍ଟାଣ୍ଡ, ସୁବ୍ୟବସ୍ଥିତ ଯାତ୍ରୀ ପ୍ରତୀକ୍ଷାଳୟ ର୍ନିମାଣ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି ।

# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ

ସୋମବାର, ୧୫ ଜୁନ୍, ୨୦୨୬




## ପୋଲିସ ପରୀକ୍ଷା ଆଶାୟୀଙ୍କ ତୁମୂଳକାଣ୍ଡ

ପାଟନା : ବିହାରର ରାଜଧାନୀ ପାଟନାର ପାଟଳିପୁତ୍ର ରେଳଷ୍ଟେସନରେ ଛାତ୍ରଙ୍କ ତୁମୂଳକାଣ୍ଡ । ପୋଲିସ ସିପାହୀ ପଦବୀ ଆଶାୟୀ ପରୀକ୍ଷାର୍ଥୀମାନେ ପ୍ରବଳ ହଙ୍ଗାମା କରିଛନ୍ତି । ଟ୍ରେନର ଅଭାବ ଏବଂ ଟ୍ରେନ ବିଳମ୍ବରେ ଚାଲୁଥିବା ଅଭିଯୋଗ କରି ହଜାର ହଜାର ସଂଖ୍ୟାରେ ଛାତ୍ରମାନେ ଷ୍ଟେସନ ପରିସରରେ ହଙ୍ଗାମା କରିଥିଲେ । ଉତ୍ୟକ୍ତ ପରୀକ୍ଷାର୍ଥୀମାନେ ରେଳ ଧାରଣା ଅବରୋଧ କରିବା ସହ ଟ୍ରେନ ଉପରକୁ ପଥରମାଡ଼ କରିଛନ୍ତି । ଏଥିରେ ପରୀକ୍ଷା ସ୍ପେଶାଲ୍ ଟ୍ରେନର କାଚ ଭାଙ୍ଗିଯାଇଛି । ପଥରମାଡ଼ ଯୋଗୁଁ ସୁରକ୍ଷା ଦାୟିତ୍ୱରେ ଥିବା ଅନେକ ପୋଲିସକର୍ମୀ ଆହତ ହୋଇଛନ୍ତି । ଦୀର୍ଘ ସମୟ ଧରି ପାଟଳିପୁତ୍ର ଷ୍ଟେସନରେ ହଙ୍ଗାମା ଦେଖିବାକୁ ମିଳିଥିଲା । ଏଥିରେ ଆଇଜି ଜିତେନ୍ଦ୍ର ରଣା ସମେତ ଅନେକ ଥାନା ଇନଚାର୍ଜ ଆହତ ହୋଇଛନ୍ତି। ଖବର ମୁତାବକ, ବିହାରରେ କେନ୍ଦ୍ରୀୟ ଚୟନ ପରିଷଦ ଦ୍ୱାରା ଆୟୋଜିତ ସିପାହୀ ଭର୍ତ୍ତି ପରୀକ୍ଷା ପାଇଁ ବିଭିନ୍ନ ଜିଲ୍ଲାରୁ ପ୍ରବଳ ସଂଖ୍ୟାରେ ପରୀକ୍ଷାର୍ଥୀ ଷ୍ଟେସନରେ ପହଞ୍ଚିଥିଲେ । ରବିବାର ପରୀକ୍ଷା ଦୁଇଟି ସିଫ୍ଟରେ ଅନୁଷ୍ଠିତ ହେବ । ଷ୍ଟେସନରେ ଟ୍ରେନ ଅଭାବ ଏବଂ ଟ୍ରେନଗୁଡ଼ିକ ବିଳମ୍ବ ହେତୁ ଛାତ୍ରଛାତ୍ରୀମାନେ ସେମାନଙ୍କର ପରୀକ୍ଷା ହରାଇବାର ଭୟ କରୁଥିଲେ । ଫଳରେ ଛାତ୍ରମାନେ ଷ୍ଟେସନରେ ଧାରଣାରେ ବସି ହଙ୍ଗାମା କରିଥିଲେ । ଟ୍ରେନକୁ ପଥରମାଡ଼ କରିବା ସହ ଟ୍ରେନର କାଚ ସବୁ ଭାଙ୍ଗିଦେଇଥିଲେ । ପରିସ୍ଥିତି ଅତି ଗମ୍ଭୀର ହେବା ପରେ ପୋଲିସ ପ୍ରଥମେ ଲାଠିଚାର୍ଜ କରିଥିଲା । ଏହା ପରେ ମଧ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା । ପାଟନାର ଜିଲ୍ଲାପାଳ କହିଛନ୍ତି ଯେ, ପରୀକ୍ଷାର୍ଥୀଙ୍କ ପାଇଁ ରେଳବାଇ ପକ୍ଷରୁ ସ୍ପେଶାଲ୍ ଟ୍ରେନର ବ୍ୟବସ୍ଥା କରାଯାଇଥିଲା । ମାତ୍ର କିଛି ଅସାମାଜିକ ଲୋକ ଛାତ୍ରମାନଙ୍କୁ ଉସୁକାଇ ହଙ୍ଗାମା କରିଥିଲେ । ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ପରେ ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ।

## ଖାନ୍ ସାର୍‌ଙ୍କ କୋଚିଂ ସେଣ୍ଟର ଭଙ୍ଗାରୁଜା ଘଟଣା ଅଭିଯୁକ୍ତ ପ୍ରିନ୍ସ ଯାଦବଙ୍କର ସନ୍ଦେହଜନକ ମୃତ୍ୟୁ




ପାଟନା : ପାଟନାର ଦୁଇଟି କୋଚିଂ ପ୍ରତିଷ୍ଠାନ ମଧ୍ୟରେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଏବେ ଭୟଙ୍କର ରୂପଧାରଣ କରିଛି। ଜୁନ୍ ୨ ତାରିଖରେ ଶିକ୍ଷକ ଖାନ ସାର୍‌ଙ୍କ କୋଚିଂ ପ୍ରତିଷ୍ଠାନ ସହିତ ଜଡିତ ହାଇ ପ୍ରୋଫାଇଲ୍ ଭଙ୍ଗାରୁଜା ମାମଲାରେ ଅଭିଯୁକ୍ତ ଥିବା କୋଚିଂ ଶିକ୍ଷକ ରୋଶନ ଆନନ୍ଦଙ୍କ ଭାଇ ପ୍ରିନ୍ସ ଯାଦବ (୪୧)ଙ୍କର ନେପାଳର ବିରାଟନଗରର ଏକ ହୋଟେଲରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବାବେଳେ ନେପାଳ କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ କରୁଛନ୍ତି। ପାଟନାର କଦମକୁଆଁ ଅଞ୍ଚଳରେ ଖାନ୍ ଗ୍ଲୋବାଲ ଷ୍ଟଡିଜ୍ ଉପରେ ଆକ୍ରମଣ ଘଟଣାରେ ମୃତକ ପ୍ରିନ୍ସ ଯାଦବଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେବେଠାରୁ ପ୍ରିନ୍ସ ଯାଦବ ଫେରାର ଥିଲେ। ନେପାଳରେ ପ୍ରିନ୍ସଙ୍କର କିପରି ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି। ତାଙ୍କ ମୃତ୍ୟୁ ବିହାରର ଦୁଇଟି ପ୍ରଭାବଶାଳୀ କୋଚିଂ ବ୍ରାଣ୍ଡ - ଲୋକପ୍ରିୟ ଶିକ୍ଷକ ଫୈଜଲ ଖାନ (ଖାନ ସାର୍)ଙ୍କ ନେତୃତ୍ୱରେ ଖାନ ଗ୍ଲୋବାଲ ଷ୍ଟଡିଜ୍ ଓ ରୋଶନ ଆନନ୍ଦଙ୍କ ନେତୃତ୍ୱରେ ଜ୍ଞାନ ବିନ୍ଦୁ ଜିଏସ ଏକାଡେମୀ ମଧ୍ୟରେ ଥିବା ତିକ୍ତ ବିବାଦକୁ ପଦାରେ ପକାଇଛି। ଖାନ୍ ସାର୍‌ଙ୍କ କୋଚିଂ ସେଣ୍ଟର ବାହାରେ ଭଙ୍ଗାରୁଜା ପରେ ସେଠାରେ ମୁତୟନ ହୋଇଥିବା ସୁରକ୍ଷାକର୍ମୀ ଫାଙ୍କା ଗୁଳିଚାଳନା କରିଥିଲେ। ଏହି ଘଟଣାରେ ସୁରକ୍ଷାକର୍ମୀଙ୍କୁ ଗିରଫ କରାଯାଇଥିଲା। ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତା ଓ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଖାନ ସାର୍‌ଙ୍କୁ ମାମଲାରେ ଅଭିଯୁକ୍ତ କରିଥିଲା। ଏହି ମାମଲାରେ ଜ୍ଞାନ ବିନ୍ଦୁ କୋଚିଂ ସହିତ ଜଡିତ କିଛି ଲୋକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଜ୍ଞାନ ବିନ୍ଦୁ କୋଚିଂ ନିର୍ଦ୍ଦେଶକ ରୋଶନ ଆନନ୍ଦ ବର୍ତ୍ତମାନ ଜେଲରେ ଅଛନ୍ତି। ତାଙ୍କର ଜାମିନ ଶୁଣାଣି ସୋମବାର ହେବ। ଖାନ ସାର୍‌ଙ୍କ ଦୁଇଜଣ ଗାର୍ଡ ମଧ୍ୟ ବର୍ତ୍ତମାନ ଜେଲରେ ଅଛନ୍ତି। ସେମାନଙ୍କର ଜାମିନ ଆବେଦନ ଖାରଜ ହୋଇଛି। ପାଟନା ସିଭିଲ୍ କୋର୍ଟ ବର୍ତ୍ତମାନ ଖାନ୍ ସାର୍‌ଙ୍କ ଗିରଫଦାରୀ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ପୂର୍ଣ୍ଣିଆ ସାଂସଦ ପପ୍ପୁ ଯାଦବ ନେପାଳରେ ସନ୍ଦେହଜନକ ପରିସ୍ଥିତିରେ ପ୍ରିନ୍ସ ଯାଦବଙ୍କ ମୃତ୍ୟୁକୁ ହତ୍ୟା ବୋଲି ବର୍ଣ୍ଣନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ପପ୍ପୁ ବିହାର ସରକାରଙ୍କୁ ନେପାଳ ପ୍ରଶାସନ ସହିତ ଯୋଗାଯୋଗ କରିବା ଉଚିତ ଓ ପୀଡିତ ପରିବାରକୁ ନ୍ୟାୟ ସୁନିଶ୍ଚିତ କରିବା ଉଚିତ ବୋଲି କହିଛନ୍ତି।

## ଦକ୍ଷିଣ ବେରୁଟ୍ ଉପରେ ଇସ୍ରାଏଲ ଆକ୍ରମଣରେ ୩ ମୃତ



ଇରାନ : ଆମେରିକା-ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ପାଇଁ ଜୋରଦାର ପ୍ରୟାସ ଚାଲିଥିବା ବେଳେ ଇସ୍ରାଏଲ ପୁଣିଥରେ ଲେବାନନ୍ ଉପରେ ବଡ଼ଧରଣର ଆକ୍ରମଣ କରିଛି । ରବିବାର ଇସ୍ରାଏଲର ଆକ୍ରମଣରେ ଦକ୍ଷିଣ ବେରୁଟ୍‌ରେ ୩ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ଲେବାନନ୍ କର୍ତ୍ତୃପକ୍ଷ କହିଛନ୍ତି। ଇସ୍ରାଏଲ ଆକ୍ରମଣ ଯୋଗୁ ଆମେରିକା-ଇସ୍ରାଏଲ ଶାନ୍ତି ଆଲୋଚନା ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି । ଲେବାନନ୍ ନାଗରିକ ପ୍ରତିରକ୍ଷା ସଂସ୍ଥା ରବିବାର କହିଛି ଯେ, ଲେବାନନ୍ ରାଜଧାନୀର ଦାହିୟେହ ଅଞ୍ଚଳରେ ଇସ୍ରାଏଲର ଆକ୍ରମଣରେ ଅତି କମରେ ତିନି ଜଣଙ୍କର ମୃତ୍ୟୁ ଓ ଛଅ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏକ ବିବୃତିରେ କହିଛି ଯେ ଇସ୍ରାଏଲୀ ସେନା ଦାହିୟେହରେ ହିଜବୁଲ୍ଲାର ଟାର୍ଗେଟ ଉପରେ ଆକ୍ରମଣ କରିଛି। ଇସ୍ରାଏଲୀ ସେନା କହିଛି ଯେ, ଅସ୍ତ୍ରବିରତି ଉଲ୍ଲଂଘନ କରି ହିଜବୁଲ୍ଲା ଉତ୍ତର ଇସ୍ରାଏଲ ଆଡ଼କୁ ତିନୋଟି ପ୍ରୋଜେକ୍ଟେଲ ନିକ୍ଷେପ କରିଥିଲା, ଯାହାର ଜବାବରେ ଇସ୍ରାଏଲ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ଅପରେସନ ଟାଇଗର ଭୟ: ଉଦ୍ଧବ ଠାକ୍‌ରେ ନିଜ ସାଂସଦଙ୍କୁ 'ମାତୋଶ୍ରୀ'କୁ ଡାକିଲେ



ମହାରାଷ୍ଟ୍ର : ମହାରାଷ୍ଟ୍ର ରାଜନୀତିରେ 'ଅପରେସନ ଟାଇଗର'କୁ ନେଇ ଚର୍ଚ୍ଚା ଭିତରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ରବିବାର ମୁମ୍ବାଇସ୍ଥିତ ନିଜ ବାସଭବନ 'ମାତୋଶ୍ରୀ'ରେ ଦଳୀୟ ସାଂସଦଙ୍କ ବୈଠକ ଡାକିଥିଲେ। ଅନୁମାନ କରାଯାଉଥିଲା ଯେ, ଶିବସେନାର କେତେକ ସାଂସଦ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇପାରନ୍ତି । ଶିବସେନାର ସୂତ୍ର ଅନୁଯାୟୀ, ଏହି ବୈଠକର ଉଦ୍ଦେଶ୍ୟ ସାଂଗଠନିକ ପ୍ରସଙ୍ଗଗୁଡ଼ିକର ସମୀକ୍ଷା ଓ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିବା ଥିଲା। କେତେକ ସାଂସଦ ପ୍ରତିଦ୍ୱନ୍ଦ୍ୱୀ ଶିବସେନା ଗୋଷ୍ଠୀ ସହିତ ଯୋଗାଯୋଗରେ ଥିବା ରିପୋର୍ଟ ପରେ ଦଳୀୟ ନେତୃତ୍ୱ ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ସମସ୍ତ ସାଂସଦଙ୍କୁ ଏକତ୍ର କରିବାକୁ ନିଷ୍ପତ୍ତି ନେଇଥିଲେ। ଉଦ୍ଧବ ଠାକରେଙ୍କ ଦ୍ୱାରା ଡକାଯାଇଥିବା ବୈଠକରେ ଦଳର ନଅ ଜଣ ସାଂସଦଙ୍କ ମଧ୍ୟରୁ ଆଠ ଜଣ ଯୋଗ ଦେଇଥିଲେ। ପରଭାନୀ ସାଂସଦ ସଞ୍ଜୟ ଯାଧବ ଅନୁପସ୍ଥିତ ଥିଲେ। ମାତୋଶ୍ରୀ ଠାରେ ଅନୁଷ୍ଠିତ ବୈଠକରେ ଶିବସେନା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ମଧ ଉପସ୍ଥିତ ଥିଲେ। ଚାରିଜଣ ସାଂସଦ 'ମାତୋଶ୍ରୀ'ରେ ଅନୁଷ୍ଠିତ ବୈଠକରେ ଅଂଶଗ୍ରହଣ କରିଥିବାବେଳେ ଚାରିଜଣ ଅନଲାଇନରେ ଯୋଗ ଦେଇଥିଲେ। 'ମାତୋଶ୍ରୀ'କୁ ଆସିଥିବା ସାଂସଦମାନଙ୍କ ମଧ୍ୟରେ ଅରବିନ୍ଦ ସାୱନ୍ତ (ମୁମ୍ବାଇ ସାଉଥ), ଅନିଲ ଦେଶାଇ (ମୁମ୍ବାଇ ସାଉଥ ସେଣ୍ଟ୍ରାଲ), ରାଜାଭାଉ ୱାଜେ (ନାସିକ) ଓ ସଞ୍ଜୟ ଦିନା ପାଟିଲ (ମୁମ୍ବାଇ ଉତ୍ତର-ପୂର୍ବ) ରହିଥିଲେ। ସଞ୍ଜୟ ଦେଶମୁଖ (ୟବତମାଲ-ୱାସିମ୍), ଭାଓସାହେବ ୱାକଚେରେ (ଶିରଡି), ଓମ୍‌ପ୍ରକାଶ ରାଜେନିମ୍ବାଲକର (ଓସମାନାବାଦ) ଓ ନାଗେଶ ପାଟିଲ ଅଷ୍ଟିକର (ହିଙ୍ଗୋଲି) ପ୍ରମୁଖ ଅନଲାଇନରେ ଯୋଗ ଦେଇଥିଲେ। ସଞ୍ଜୟ ଯାଧବଙ୍କ ଅନୁପସ୍ଥିତିକୁ ନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା ହୋଇଥିଲା । ନିକଟରେ ଦଳର ଅନ୍ୟ କାର୍ଯ୍ୟକ୍ରମରେ ମଧ ସେ ସାମିଲ ହୋଇନଥିଲେ । ଅନ୍ୟପକ୍ଷରେ ଶିବସେନାର ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ଦଳର କିଛି ସାଂସଦଙ୍କ ଶାରୀରିକ ଅନୁପସ୍ଥିତି ଓ ସଞ୍ଜୟ ଜାଧବଙ୍କ ଅନୁପସ୍ଥିତିକୁ ଦଳର ଆଭ୍ୟନ୍ତରୀଣ ସଙ୍କଟ ସହିତ ଯୋଡିବା ନେଇ ହେଉଥିବା କଳ୍ପନାଜଳ୍ପନାକୁ ଖାରଜ କରିଛନ୍ତି । ସେ କହିଛନ୍ତି ଯେ, ସଞ୍ଜୟ ଜାଧବ ଫୋନ୍ ଯୋଗେ ପାର୍ଟି ମୁଖ୍ୟ ଉଦ୍ଧବ ଠାକରେଙ୍କ ସହ କଥା ହୋଇଥିଲେ। ରାଜେ ନିମ୍ବାଲକରଙ୍କ ପୁଅ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୂର୍ବରୁ ସେ ଦଳକୁ ଜଣାଇ ଦେଇଥିଲେ। ଭାଉସାହେବ ୱାକଚୌରେଙ୍କ ପତ୍ନୀ ଅସୁସ୍ଥ ଥିଲେ, ତେଣୁ ସେ ଅନଲାଇନରେ ବୈଠକରେ ଯୋଗ ଦେଇଥିଲେ । ସଞ୍ଜୟ ଦେଶମୁଖ ତାଙ୍କ ଝିଅର ବିବାହ ଯୋଗୁଁ ଅନଲାଇନରେ ବୈଠକରେ ଯୋଗ ଦେଇଥିଲେ। ରାଉତ ଆଜିର ଏହି ବୈଠକକୁ ନିୟମିତ ସାଙ୍ଗଠନିକ ବୈଠକ ବୋଲି କହିଥିଲେ। 'ଅପରେସନ ଟାଇଗର' ଉପରେ ଚର୍ଚ୍ଚାକୁ ନେଇ ସଞ୍ଜୟ ରାଉତ କହିଥିଲେ ଯେ, ଗତ ଦୁଇ ବର୍ଷ ହେଲା ଏହିପରି କଥା ଶୁଣିବାକୁ ମିଳୁଛି। ଏପରି ଚର୍ଚ୍ଚାର ଉଦ୍ଦେଶ୍ୟ ରାଜନୈତିକ ବାର୍ତ୍ତା ଦେବା ପାଇଁ କରାଯାଇଥାଏ। 'ଅପରେସନ ଟାଇଗର'ର ଜବାବ 'ଅପରେସନ୍ ଫକ୍ସ' ଦ୍ୱାରା ଦିଆଯିବ ବୋଲି ରାଉତ କହିଥିଲେ । ସିନ୍ଦେ ଗୋଷ୍ଠୀର ନେତା ତଥା ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଥିବା ସଞ୍ଜୟ ଶିରସାଟ ମଧ 'ଅପରେସନ୍ ଟାଇଗର' ରିପୋର୍ଟକୁ ଅସ୍ୱୀକାର କରିଛନ୍ତି ।

## ସଠିକ୍ ସମୟରେ ଜବାବ ଦେବି: ସାୟୋନି ଘୋଷ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରିଥିବା ସାଂସଦଙ୍କ ମଧ୍ୟରେ ଥିବା ଯାଦବପୁର ସାଂସଦ ସାୟୋନି ଘୋଷ ରବିବାର ପ୍ରଥମ ଥର ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ଦିଲ୍ଲୀ ବିମାନବନ୍ଦରରେ ସାୟୋନି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ସଠିକ୍ ସମୟ ଆସିଲେ ଏହି ପ୍ରସଙ୍ଗରେ ଜବାବ ରଖିବି। ସାମ୍ବାଦିକଙ୍କୁ ନୁହେଁ, ନିଜ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ଜବାବ ଦେବେ ବୋଲି ସାୟୋନି କହିଛନ୍ତି। ସାୟୋନିଙ୍କ ବ୍ୟତୀତ କାକଳି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଅନେକ ସାଂସଦ ବିଦ୍ରୋହ କରି ନିଜର ଅନ୍ୟ ଏକ ଗୋଷ୍ଠୀ ଗଠନ କରିଛନ୍ତି। ଲୋକସଭାରେ ଟିଏମ୍‌ସିର ୨୮ ସାଂସଦ ଥିବାବେଳେ ପାଖାପାଖି ୨୦ ଜଣ ସାଂସଦ ଅଲଗା ହୋଇଯିବା ଆଶଙ୍କା ଦେଖାଯାଇଛି। ସାୟୋନି ରବିବାର ଦିଲ୍ଲୀରେ ପହଞ୍ଚି ଥିଲେ। ବିମାନବନ୍ଦରରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ସାୟୋନି ଘୋଷ ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଥିଲେ। ଟିଏମ୍‌ସିର ବିଦ୍ରୋହୀ ସାଂସଦ ଓ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇପାରେ।

## ପରମାଣୁ ଅସ୍ତ୍ର ନିର୍ମାଣରୁ ବିରତ ରହିବ ତେହେରାନ



ଆମେରିକା : ଆମେରିକା ସହ ପ୍ରସ୍ତୁତ ଏକ ଚିଠା ବୁଝାମଣା ପତ୍ର (ଏମଓୟୁ) ଅନୁଯାୟୀ ଇରାନ କୌଣସି ପ୍ରକାରର ପରମାଣୁ ଅସ୍ତ୍ର ନିର୍ମାଣ କିମ୍ବା ହାସଲ ନକରିବାକୁ ସହମତି ପ୍ରକାଶ କରିଛି ବୋଲି ରଏଟର୍ସ ସମ୍ବାଦ ସଂସ୍ଥା ଜଣେ ବରିଷ୍ଠ ଇରାନୀ ଅଧିକାରୀଙ୍କ ସୂତ୍ରରୁ ଦାବି କରିଛି। ଏହି ପ୍ରସ୍ତାବିତ ଖସଡ଼ା ଚୁକ୍ତିନାମାରେ ଇରାନର ପରମାଣୁ କାର୍ଯ୍ୟକ୍ରମର ନିୟନ୍ତ୍ରଣ ସହିତ ତା' ଉପରେ ଲାଗିଥିବା ବିଭିନ୍ନ ଆନ୍ତର୍ଜାତୀୟ ଆର୍ଥିକ ପ୍ରତିବନ୍ଧକ କୋହଳ କରିବା ଏବଂ ବିଶ୍ୱ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ''ହରମୁଜ୍ ପ୍ରଣାଳୀ'' କୁ ପୁନଃ କାର୍ଯ୍ୟକ୍ଷମ କରିବା ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ସାମିଲ ରହିଛି। ଏହି ରୂପରେଖକୁ ଅନୁମୋଦନ ମିଳିବାର ଆଗାମୀ ୬୦ ଦିନ ମଧ୍ୟରେ ଉଭୟ ପକ୍ଷ ଏକ ଚୂଡ଼ାନ୍ତ ଚୁକ୍ତିନାମା ଉପରେ ସବିଶେଷ ଆଲୋଚନା କରିବେ ବୋଲି ସୂଚନା ମିଳିଛି, କିନ୍ତୁ ଏପର୍ଯ୍ୟନ୍ତ ତେହେରାନ କିମ୍ବା ୱାଶିଂଟନ ପକ୍ଷରୁ ଏହି ରିପୋର୍ଟ ଉପରେ କୌଣସି ଆନୁଷ୍ଠାନିକ ବୟାନ ଜାରି କରାଯାଇନାହିଁ । ଏହି ବୁଝାମଣା ବିଶ୍ୱ ରାଜନୀତିରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଯାଉଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଘୋଷଣା କରିଥିଲେ ଯେ ରବିବାର ଦିନ ଏହି ଐତିହାସିକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବ। ଅପରପକ୍ଷରେ, ଚୁକ୍ତିନାମାର ଜଟିଳତାକୁ ଦୃଷ୍ଟିରେ ରଖି ପ୍ରକୃତ ସ୍ୱାକ୍ଷର ପ୍ରକ୍ରିୟା ଶେଷ ହେବାକୁ କିଛି ଅଧିକ ସମୟ ଲାଗିପାରେ ବୋଲି ଇରାନ ପକ୍ଷରୁ ସଂକେତ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଆମେରିକା ଆଗୁଆ ରଣନୀତି ପ୍ରସ୍ତୁତ କରି ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ, ବର୍ତ୍ତମାନ ଚିଠା ଚୁକ୍ତି ପ୍ରସ୍ତୁତ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ପରିବହନ ସହ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ନୂତନ ଆଶା ସଞ୍ଚାର ହୋଇଛି ।

## ଡେରାଡୁନରେ ବିଜେପି ନେତାଙ୍କୁ ହତ୍ୟା: ରାଜପଥ ଅବରୋଧ ଓ ଉତ୍ତେଜନା ପରେ ବ୍ୟାପକ ଫୋର୍ସ ମୁତୟନ



ଡେରାଡୁନ : ଉତ୍ତରାଖଣ୍ଡର ଡେହରାଡୁନ ଜିଲ୍ଲା ଅନ୍ତର୍ଗତ ବୈରାଗୀୱାଲା ଗ୍ରାମରେ ଗତ ଶନିବାର ସନ୍ଧ୍ୟାରେ ଜମି ଓ ଜଳସେଚନ ବିବାଦକୁ କେନ୍ଦ୍ର କରି ଘଟିଥିବା ଏକ ସଂଘର୍ଷରେ ସ୍ଥାନୀୟ ବିଜେପି କର୍ମୀ ତଥା ସୋସିଆଲ ମିଡିଆ ଆକ୍ଟିଭିଷ୍ଟ ବିନୋଦ କୁମାର (୪୪)ଙ୍କୁ ନିର୍ମମ ଭାବେ ପିଟିପିଟି ହତ୍ୟା କରାଯାଇଛି। ଠେଙ୍ଗା, ହାତୁଡ଼ି ଓ କାଠଫାଳିଆରେ ସଜ୍ଜିତ ଏକ ସଶସ୍ତ୍ର ଗୋଷ୍ଠୀ ବିନୋଦଙ୍କ ଘରେ ପଶି ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ଭାଇ ଓ ଜଣେ ମହିଳା ସମ୍ପର୍କୀୟ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏହି ନୃଶଂସ କାଣ୍ଡର ସିସିଟିଭି ଫୁଟେଜ ସାମ୍ନାକୁ ଆସିବା ପରେ ଗ୍ରାମବାସୀ ଓ ହିନ୍ଦୁ ସଂଗଠନଗୁଡ଼ିକ ଉତ୍ୟକ୍ତ ହୋଇ ଜାତୀୟ ରାଜପଥ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଛି। ସୂଚନା ଅନୁଯାୟୀ, ପୋଲିସ ଏହାକୁ ପ୍ରାଥମିକ ଭାବେ ଜଳସେଚନ ବିବାଦ ବୋଲି କହୁଥିବା ବେଳେ, ଗ୍ରାମପ୍ରଧାନ ବିକି କାଶ୍ୟପ ଏବଂ ମୃତକଙ୍କ ପରିବାର ଏହାକୁ ଏକ ବଡ଼ ଜମି ଦୁର୍ନୀତିର ପରିଣାମ ବୋଲି ଦାବି କରିଛନ୍ତି। ବିନୋଦ ଜମି ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ କ୍ରମାଗତ ଧମକ ମିଳୁଥିଲା ଏବଂ ସାହସପୁର ଥାନାରେ ଆଗୁଆ ଅଭିଯୋଗ ସତ୍ତ୍ୱେ ପୋଲିସ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପରିସ୍ଥିତି ଜଟିଳ ଥିବାରୁ ସେଠାରେ ବ୍ୟାପକ ପୋଲିସ ଓ ପିଏସି ଫୋର୍ସ ମୁତୟନ କରାଯାଇଛି । ମୃତକଙ୍କ ପରିବାରର ଏଫଆଇଆର୍ ଆଧାରରେ ୧୨ ଜଣ ଚିହ୍ନଟ ଓ ଅନ୍ୟ କେତେକ ଅଜ୍ଞାତ ଆକ୍ରମଣକାରୀଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ସ୍ଥାନୀୟ ବିଧାୟକ ମୁନ୍ନା ସିଂ ଚୌହାନ ଗ୍ରାମବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ଅପିଲ କରିଛନ୍ତି।

## ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଡ଼ି ଯାଉଥିଲା ଭାରତୀୟ ଜାହାଜ 'ବିରାଟ-୧'



ନୂଆଦିଲ୍ଲୀ : ଓମାନ ଉପକୂଳଠାରୁ ପାଖାପାଖି ୮୦ ନଟିକାଲ ମାଇଲ ଦୂର ଆରବ ସାଗରରେ ରବିବାର ସକାଳେ ଭାରତୀୟ ପତାକା ବହନ କରୁଥିବା ମାଲବାହୀ ଜାହାଜ 'ବିରାଟ-୧' ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଡ଼ି ଯାଉଥିବାବେଳେ ଆମେରିକା ନୌସେନା ୧୪ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ସାମୁଦ୍ରିକ ସୂତ୍ର ତଥା ଭାରତୀୟ ନୌସେନା ଅଧିକାରୀଙ୍କ ସୂଚନା ଅନୁସାରେ ରବିବାର ସକାଳେ ଓମାନର ରାସ୍‌ଅଲ ହଦଠାରୁ ପୂର୍ବ-ଦକ୍ଷିଣ-ପୂର୍ବରେ ଭାରତୀୟ ପତାକା ଥିବା ଜାହାଜରେ ହଠାତ୍ ପାଣି ଭରିବାକୁ ଲାଗିଥିଲା। ଜାହାଜରେ ହଠାତ୍ ବୁଡ଼ିବାକୁ ଲାଗିବାରୁ ନାବିକ ଦଳ ତୁରନ୍ତ ଜରୁରୀକାଳୀନ ବାର୍ତ୍ତା ଜାରି କରିଥିଲେ। ଜାହାଜରେ ଥିବା ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ଜାହାଜର ପୁରୁଣା କାଠ ଡାଞ୍ଚାରେ ପାଣି ଭର୍ତ୍ତି ହେବା ଯୋଗୁ ଜାହାଜଟି ସ୍ୱଳ୍ପ ସମୟରେ ବୁଡ଼ି ଯିବା ଆଶଙ୍କା ଦେଖାଯାଇଥିଲା। ତେବେ ଆମେରିକା ନୌସେନାର ଅତ୍ୟାଧୁନିକ ପି-୮ ସାମୁଦ୍ରିକ ପାଟ୍ରୋଲ୍ ବିମାନ ତୁରନ୍ତ ସହାୟତା ପାଇଁ ପହଞ୍ଚି ଥିଲା। ପାଇଲଟ ନାବିକଙ୍କୁ ଉଦ୍ଧାର କରିବାକୁ ଏକ ଲାଇଫ୍ ରାଫ୍ଟକୁ ନାବିକଙ୍କ ନିକଟରେ ପକାଇଥିଲା, ଯେଉଁଥିରେ ସମସ୍ତ ନାବିକ ସୁରକ୍ଷିତ ଭାବେ ଯାତ୍ରା କରିଥିଲେ। ସୂତ୍ରଗୁଡ଼ିକ ଆହୁରି କହିଛନ୍ତି ଯେ, ଏମଭି ଜାବାଲ ଅଲି ୯କୁ ଆମେରିକୀୟ ନୌସେନାର ପି୮ ଦ୍ୱାରା ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା ଓ ଏହା ବର୍ତ୍ତମାନ ଧଉ ନିକଟବର୍ତ୍ତୀ ଅଞ୍ଚଳରେ ଅଛି। ଓମାନରେ ଥିବା ଭାରତୀୟ ଦୂତାବାସ କହିଛି ଯେ, ଏହା ଓମାନ ଉପକୂଳରେ ଭାରତୀୟ ପତାକାଯୁକ୍ତ ଯାନ୍ତ୍ରିକ ନୌଜାହାଜ ସହିତ ଜଡିତ ଏକ ଘଟଣା ବିଷୟରେ ଜାଣିବାକୁ ପାଇଛି ଓ ଓମାନ କର୍ତ୍ତୃପକ୍ଷଙ୍କ ସହ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ସମନ୍ୱୟ କରାଯାଉଛି। ଏକ ପୃଥକ ପୋଷ୍ଟରେ, ଦୂତାବାସ କହିଛି ଯେ, ଜାହାଜଟିର ଇଞ୍ଜିନ ଫେଲ୍ ହୋଇଥିଲା। ଫଳରେ ନାବିକମାନଙ୍କୁ ସୁରକ୍ଷିତ ଭାବରେ ଏକ ଲାଇଫ ରାଫ୍ଟକୁ ସ୍ଥାନାନ୍ତରିତ କରାଯାଇଥିଲା। ଓମାନି କର୍ତ୍ତୃପକ୍ଷଙ୍କ ସମନ୍ୱୟରେ ନିକଟରେ ଥିବା ଜାହାଜ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ତେଲଙ୍ଗାନାରେ ଅଧରାତିରେ ଭୂକମ୍ପ ଝଟକା, ତୀବ୍ରତା ୩.୮

ତେଲଙ୍ଗାନା : ତେଲଙ୍ଗାନା ଭଦ୍ରାଦୀକୋଠାଗୁଡେମରେ ବିଳମ୍ବିତ ରାତିରେ ଭୂକମ୍ପ ଝଟକା ଅନୁଭୂତ । ରବିବାର ବିଳମ୍ବିତ ୨ଟା ମିନିଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୩.୮ ରହିଥିଲା । ଭୂକମ୍ପ ତୀବ୍ରତାରେ କିଛି କ୍ଷୟକ୍ଷତି ହୋଇନାହିଁ । ଲୋକମାନେ ଶୋଇଥିବା ବେଳେ ଭୂକମ୍ପ ଝଟକା ବିଷୟରେ ଜାଣିପାରିନଥିଲେ ।

ନ୍ୟାସନାଲ ସେଣ୍ଟର ଫର ସେସ୍ମୋଲୋଜି ଅନୁସାରେ, ତେଲଙ୍ଗାନାର ଭଦ୍ରାଦୀ କୋଠାଗୁଡେମ ଜିଲ୍ଲାରେ ରେକ୍ଟର ସ୍କେଲରେ ୩.୮ ତୀବ୍ରତାର ଭୂକମ୍ପ ଦାୟର କରାଯାଇଛି । ଭୂକମ୍ପର କେନ୍ଦ୍ର ୧୦ କିମି ରହିଥିଲା । ତେବେ ଏଯାଏଁ ଜନହାନୀ ଖବର ମିଳିନାହିଁ । ସ୍ଥାନୀୟ ଲୋକ ଭୂକମ୍ପ ଝଟକା ଅନୁଭୂତ କରିଥିଲେ ।

# ଭାରତୀୟ ରାଜ୍ୟଗୋଷ୍ଠୀ କ୍ରୀଡା ଦଳରେ ଅନିମେଷ କୁଜୁର



**ଭୁବନେଶ୍ୱର,୧୪।୬:** ଛତିଶଗଡ ଜନ୍ମିତ ଓଡିଶା ଧାବକ ଅନିମେଷ କୁଜୁର ସ୍କଟ୍‌ଲାଣ୍ଡର ଗ୍ଲାସଗୋଠାରେ ଜୁଲାଇ ୨୩ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା ଲାଗି ପ୍ରାଥମିକ ପର୍ଯ୍ୟାୟରେ ଘୋଷିତ ୩୨ ଜଣିଆ ଭାରତୀୟ ଆଥଲେଟିକ୍ସ ଦଳରେ ସ୍ଥାନ ପାଇଛନ୍ତି। ତାଙ୍କ ସହିତ ନିକଟରେ ଦେଶର ଦ୍ରୁତତମ ଧାବକ ହେବାର ଗୌରବ ଅର୍ଜନ କରିଥିବା ଗୁରିନ୍ଦରବୀର ସିଂହ ମଧ୍ୟ ଦଳରେ ଅଛନ୍ତି। ଅନିମେଷ ୨୦୦ ଏବଂ ଗୁରିନ୍ଦରବୀର ୧୦୦ ମିଟରରେ ଭାରତର ପ୍ରତିନିଧିତ୍ୱ କରିବେ। ଏହି ଦଳରେ ଦୁଇଟି ଅଲିମ୍ପିକ୍ସ ପଦକ ବିଜେତା ତଥା ହରିୟାଣାର କିଂବଦନ୍ତି ଜାଭଲିନ୍ ତାରକା ନୀରଜ ଚୋପ୍ରାଙ୍କୁ ସର୍ତ୍ତମୂଳକ ଭାବେ ଦଳରେ ନିଆଯାଇଛି।

ଚୂଡାନ୍ତ ଚୟନ ତାଙ୍କ ଫିଟ୍‌ନେସ୍ ଏବଂ ଭାରତୀୟ ଦୌଡକୁଦ ସଂଘ (ଏଏଫ୍‌ଆଇ)ର ମାନଦଣ୍ଡ ପୂରଣ ଉପରେ ନିର୍ଭରଶୀଳ ରହିବ। ଅନିମେଷଙ୍କ ଚୟନ ରାଜ୍ୟର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ବଡ ଖୁସିର ଖବର ହୋଇଥିବାବେଳେ ତାଙ୍କ ପ୍ରଦର୍ଶନ ଉପରେ ସମଗ୍ର ଓଡିଶାବାସୀଙ୍କ ନଜର ରହିବ। ପିଠି ଆଘାତ କାରଣରୁ ୨୦୨୫ ବିଶ୍ୱ ଚାମ୍ପିଅନ୍‌ସିପ୍ ପରଠାରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜାଭଲିନ୍‌ରୁ ଦୂରେଇ ରହିଥିବା ନୀରଜ ଚୋପ୍ରା ଆଗାମୀ ୧୦ ଦିନ ମଧ୍ୟରେ ପ୍ରତିଯୋଗିତାକୁ ଫେରିବେ ବୋଲି ଆଶା କରାଯାଉଛି। ତେବେ ରାଜ୍ୟଗୋଷ୍ଠୀ ଦଳରେ ସ୍ଥାନ ପକ୍କା କରିବା ପାଇଁ ତାଙ୍କୁ ୮୨.୬୧ ମିଟରର ଯୋଗ୍ୟତା ମାନ ଅତିକ୍ରମ କରିବାକୁ ପଡ଼ିବ। ଦଳଘୋଷଣା ପୂର୍ବରୁ ଏଏଫ୍‌ଆଇ ଚୟନ କମିଟି ଅଧ୍ୟକ୍ଷ ଆଦିଲ୍ ସୁମରିୱାଲା କହିଛନ୍ତି ଯେ ନୀରଜ ବର୍ତ୍ତମାନ ସୁସ୍ଥ ଅଛନ୍ତି ଏବଂ ଖୁବ୍ ଶୀଘ୍ର ପ୍ରତିଯୋଗିତାରେ ଭାଗ ନେବେ। ତାଙ୍କ ଆଗାମୀ ପ୍ରଦର୍ଶନକୁ ଆଧାର କରି ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ନୀରଜଙ୍କ ଭଳି ଟ୍ରିପଲ୍ ଜମ୍ପର ସେଲ୍‌ଭା ପ୍ରଭୁଙ୍କ ଚୟନ ମଧ୍ୟ ତାଙ୍କ ଆଗାମୀ ପ୍ରଦର୍ଶନ ଉପରେ ନିର୍ଭର କରିବ।

ପୁରୁଷ ଦଳ: ଗୁରିନ୍ଦରବୀର ସିଂହ (୧୦୦ ମିଟର), ଅନିମେଷ କୁଜୁର (୨୦୦ ମିଟର), ନୀରଜ ଚୋପ୍ରାଞ୍ଚ (ଜାଭେଲିନ୍ ଥ୍ରୋ), ରୋହିତ ଯାଦବ (ଜାଭେଲିନ୍ ଥ୍ରୋ), ଯଶବୀର ସିଂହ (ଜାଭେଲିନ୍ ଥ୍ରୋ), ଲୋକେଶ ସତ୍ୟନାଥନ (ଲଙ୍ଗ ଜମ୍ପ), ଶ୍ରୀଶଙ୍କର (ଲଙ୍ଗ ଜମ୍ପ), ସେଲଭା ପ୍ରଭୁଞ୍ଚ (ଟ୍ରିପଲ ଜମ୍ପ), ପ୍ରବୀଣ ଚିତ୍ରାଭେଲ (ଟ୍ରିପଲ ଜମ୍ପ), ସମରଦୀପ (ଶଟ୍ ପୁଟ୍), ତାଜିନ୍ଦରପାଲ ସିଂହ (ଶଟ୍ ପୁଟ୍). ତେଜସ୍ୱିନ ଶଙ୍କର (ଡେକାଥଲନ୍ ଓ ହାଇ ଜମ୍ପ), ଗୁଲବୀର ସିଂହ (୫,୦୦୦ ମିଟର ଓ ୧୦,୦୦୦ ମିଟର), ଆଦର୍ଶ ରାମ (ହାଇ ଜମ୍ପ), ସର୍ବ ?ଶ କୁଶାରେ (ହାଇ ଜମ୍ପ), ବିଶାଲ ଟି.କେ. ରାଜେଶ ରମେଶ (ଉଭୟ ୪ଘ୪୦୦ ମିଟର ମିକ୍ସଡ୍ ରିଲେ), ତେଜସ ଶିର୍ସ ? (୧୧୦ ମିଟର ହର୍ଡଲ୍ସ), ସନ୍ତୋଷ ଟି. (୪୦୦ ମିଟର ହର୍ଡଲ୍ସ), ଯଶସ ପି. (୪୦୦ ମିଟର ହର୍ଡଲ୍ସ). ଦେବ ମୀନା (ପୋଲ୍ ଭଲ୍ଟ), କୁଲଦୀପ କୁମାର (ପୋଲ୍ ଭଲ୍ଟ)।

# ବ୍ରାଜିଲ୍ ସହ ପଏଣ୍ଟ ଭାଗ କଲା ମରକ୍‌କୋ

**ନ୍ୟୁ-ଜର୍ସି,୧୪।୬:** ଚଳିତ ଫିଫା ବିଶ୍ୱକପ୍ ଗ୍ରୁପ‘ସି’ ମ୍ୟାଚ୍‌ରେ ଆଫ୍ରିକୀୟ ଦେଶ ମରକ୍‌କୋ ସହିତ ପଏଣ୍ଟ ଭାଗ କରିଛି ପ୍ରତିଯୋଗିତାର ଅନ୍ୟତମ ଟାଇଟଲ୍ ଫେଭରିଟ୍ ବ୍ରାଜିଲ୍। ରବିବାର ଭୋର୍ ସମୟରେ (ଭାରତୀୟ ସମୟ) ହୋଇଥିବା ଏହି ମୁକାବିଲା ୧-୧ରେ ଡ୍ର ରହିଥିଲା।

ମ୍ୟାଚ୍ ?ର ୨୧ତମ ମିନିଟ୍‌ରେ ଇସ୍‌ମାଇଲ୍ ସାଇବାରି ପ୍ରଥମ ଗୋଲ୍ ?କରି ମରକ୍‌କୋକୁ ୧-୦ରେ ଅଗ୍ରଣୀ କରିଥିଲେ। ତେବେ ଏହି ଗୋଲ୍‌ର ୧୧ ମିନିଟ୍ ପରେ ଅର୍ଥାତ୍ ୩୨ତମ ମିନିଟ୍‌ରେ ବ୍ରାଜିଲ୍ ପକ୍ଷରୁ ଭିନିସିୟସ୍ ଜୁନିଅର୍ ଗୋଲ୍ କରି ସ୍ଥିତିକୁ ୧-୧କୁ ଆଣିଥିଲେ। ମ୍ୟାଚ୍‌ର ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ମଧ୍ୟରୁ ପ୍ରବଳ ଆକ୍ରମଣ ଓ ପ୍ରତିଆକ୍ରମଣ କରାଯାଇଥିଲେ ବି ଆଉ କୌଣସି ଗୋଲ୍ ହୋଇନଥିଲା। ତେବେ ଶକ୍ତିଶାଳୀ ବ୍ରାଜିଲ୍ ଆଗରେ ଆଫ୍ରିକୀୟ ଚାମ୍ପିଅନ୍ ମରୋକ୍‌କୋ ଯେପରି ଖେଳ ଦେଖାଇଲା ତାହା ସମସ୍ତଙ୍କୁ ଚକିତ କରିଛି। କାରଣ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବ୍ରାଜିଲ୍‌ର ଉଭୟ ଆକ୍ରମଣ ଓ ପ୍ରତିରକ୍ଷା ଖାପଛଡ଼ା ଲାଗୁଥିଲା। ପ୍ରଥମାର୍ଦ୍ଧର ଅଧିକାଂଶ ସମୟ ମରକ୍‌କୋ ଖେଳାଳିମାନେ ନିଜ ନିୟନ୍ତ୍ରଣରେ ରଖିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ବ୍ରାଜିଲ୍ ଲୟକୁ ଫେରିବା ପରି ଲାଗିଥିଲା। କିନ୍ତୁ ଆଉ ଗୋଲ କରିପାରିନଥିଲା।

ଦଳର ଏହି ପ୍ରଦର୍ଶନକୁ ନେଇ ମଧ୍ୟ ଅସନ୍ତୋଷ ଜାହିର କରିଛନ୍ତି ପ୍ରଶିକ୍ଷକ କାର୍ଲୋ ଆନସେଲୋଟି। ସେ କହିଛନ୍ତି ଯେ ଦଳ ପ୍ରତିଯୋଗିତାରେ ଭଲ ଆରମ୍ଭ କରିନାହିଁ।



ଖେଳାଳିମାନେ ନର୍ଭସ୍ ହୋଇ ଖେଳୁଥିଲେ। ଅନେକ ସମୟରେ ବଲ୍ ଉପରେ ନିୟନ୍ତ୍ରଣ ରହିନଥିଲା। ପ୍ରଥମାର୍ଦ୍ଧ ଭଲ ନଥିଲା, କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସ୍ଥିତିରେ ସୁଧାର ଆସିଥିଲା। ଏହା ଏକ ଆହ୍ୱାନମୂଳକ ମ୍ୟାଚ୍ ଥିଲା କାରଣ ମରକ୍‌କୋ ଏକ ଭଲ ଦଳ।

# ବିଜୟୀ କରାଟେ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୪।୬:** ଡେରାଡୁନ ଠାରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ଉପ କନିଷ୍ଠ ଓ କନିଷ୍ଠ ଓ କ୍ୟାଡେଟ କରାଟେ ପ୍ରତିଯୋଗୀତାରେ ଓଡିଶା କରାଟେ କା ମାନେ ୧୨ ଟି ସ୍ୱର୍ଣ, ୪ ଟି ରୋପ୍ୟ ଓ ୧୬ ଟି କାଂସ୍ୟ ପଦକ ସହ ମୋଟ ୩୨ ପଦକ ହାସଲ କରି ଓଡିଶା ସର୍ବଭାରତୀୟ ପଦକ ତାଲିକାରେ ୨ ୟ ସ୍ଥାନ ହାସଲ କରିଛି । ଏହି ଐତିହାସିକ ସଫଳତା ପାଇଁ ଓଡିଶା ରାଜ୍ୟ କରାଟେ–ଡୋ ସଂଘ ପଦକ ହାସଲ କରିଥିବା ୪୨ ଜଣ ପ୍ରତିଯୋଗୀ ଓ ଦଳ ସହ ଗସ୍ତ କରିଥିବା କୋଚ ଓ ଟିମ ମ୍ୟାନେଜର ମାନଙ୍କୁ ଆଜି ସମ୍ବର୍ଦ୍ଧନା କରାଯାଇଅଛି। ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ : ଆଲିସା ଶୁବୁଦ୍ଧି, ମହିଳା ଟିମ କାଟା (ଆଲିସା ଶୁବୁଦ୍ଧି, ସୁପ୍ରିୟା ମହାନ୍ତି, ଶ୍ୱେତାଞ୍ଜାନା ସାହୁ , ସରଣ୍ୟା ସାହୁ ) ଟିମ କାଟା ପୁରୁଷ ସବ ଜୁନିଅର (ବଦ୍ରି ନାରାୟଣ ସାହୁ, ବିଶ୍ୱଦୀପ ବେହେରା , ଶ୍ରେୟାନଶୁ ସିହାଲ, ପ୍ରତ୍ୟାସୁଁ ପରିଡା ) ଚିତ୍ରାକ୍ଷ ଦାସ, ଲଇଲେଶ ବିଶ୍ୱାଳ , ସୋମ୍ୟ ରଞ୍ଜନ ପାତ୍ର, ଆଦିତ୍ୟ ରାଜ ପ୍ରଧାନ, ଆକାଂକ୍ଷା ମହାନ୍ତି , ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ରାଜେଶ୍ୱରୀ ସିଂ, ଟିମ କାଟା ସବ ଜୁନିଅର ମହିଳା (କଲ୍ପିତା ଦାସ, ଜଶ୍ୱୋସୀ ପ୍ରିୟଦର୍ଶିନୀ ମିଶ୍ର, ଦିତିକ୍ଷା ପ୍ରିୟଦର୍ଶିନୀ ସାମନ୍ତ, ଏମ ଶ୍ରୀୟାଂସୀ) ସ୍ୱର୍ଣ ପଦକ ପାଇଥିବା ବେଳେ ନୀତିକ ମହନ୍ତ, ଅସଲେଶ ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ଏବଂ ସୌମିତ ପାତ୍ର, ରୋପ୍ୟ ପଦକ ପାଇଥିଲେ। ସେହିପରି ଜୁନିଅର ପୁରୁଷ ଟିମ କାଟା ରେ (ଦୋଳ ଗୋବିନ୍ଦ ବେହେରା, ଅପ୍ରିତ କୁମାର ଦାସ, ଆୟୁଷ୍ମାନ ମିଶ୍ର, ଶିବକୃପା ମିଶ୍ର) ଅର୍ଚିତା ପ୍ରିୟଦର୍ଶିନୀ, ଅଂଶୁମାନ ଆଚାର୍ଯ୍ୟ, ଆଦିକ ଅଶେଷ ସାହୁ, ସୂର୍ଯ୍ୟ ନାରାୟଣ ମାର୍ଥା, ସୋହମ ସ୍ୱାଇଁ, ବିଶ୍ୱଦୀପ ବେହେରା , ଦକ୍ଷିତା ନହର , ଦିଶାନ୍ତିକା ପଣ୍ଡା, ସାଇରା ଜେନା, ଦିବ୍ୟାନ୍ସି ଘଡେଇ, ସମୀକ୍ଷା ମହନ୍ତ, ଈଶାନୀ ପଣ୍ଡା, ତନିଷ୍କା ରାଉତ, ସରଣ୍ୟା ପାଢୀ । ଟିମମ୍ୟାନେଜର- ଖାରବେଳ ମଲିକ, ସନ୍ତୋଷ ମହାରଣା, ଦୀପକ ସାମନ୍ତରା, ରାଜୀବ ସିଂ, ସୁଶାନ୍ତ ପଣ୍ଡା, ରାଜେନ୍ଦ୍ର କେଶରୀ ସାମଲ, କେ. ଜି. କେ ପ୍ରତିହାରୀ , ଅବିନାଶ ପୁନ୍ଧିର ଏହି ସମ୍ବର୍ଦ୍ଧନା ଉତ୍ସବ ରେ ଓଡିଶା ରାଜ୍ୟ କରାଟେ – ଡୋ ସଂଘ ର ସମ୍ପାଦକ ଡ. ଗୌରି ମହାନ୍ତି, ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ , ଯୁଗ୍ମ ସମ୍ପାଦକ ଆଡଭୋକେଟ କାଳି ପ୍ରସାଦ ନନ୍ଦ , ସନତ ନାୟକ, ପ୍ରଦୀପ ସରକାର ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ରୋହିତଙ୍କୁ ରନଆଉଟ୍ କରିବାରୁ ସୋସିଆଲମିଡିଆରେ କ୍ୟାପଟେନଙ୍କୁ ଗାଳି

**ଧର୍ମଶାଳା,୧୪।୬:** ଜୁନ୍ ୧୩ ତାରିଖ । ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଏହା କେବଳ ଏକ ସାଧାରଣ ଦିନିକିଆ ମ୍ୟାଚ୍ ନଥିଲା, ବରଂ ଏହା ଥିଲା ଏକ ବଡ଼ ଅପେକ୍ଷାର ଅନ୍ତ । ଦୀର୍ଘ ୫ ମାସ ପରେ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ‘ହିଟମ୍ୟାନ୍’ ରୋହିତ ଶର୍ମା ପୁଣିଥରେ ନୀଳ ଜର୍ସି ପିନ୍ଧି ମୈଦାନକୁ ଓହ୍ଲାଇଥିଲେ । କିନ୍ତୁ କିଏ ଜାଣିଥିଲା, ଯେଉଁ ପ୍ରତ୍ୟାବର୍ତ୍ତନକୁ ନେଇ କ୍ରିକେଟ୍ ଜଗତରେ ଏତେ ଉତ୍ସାହ ଥିଲା, ତାହା ଏକ ଅପ୍ରତ୍ୟାଶିତ ଓ ଦୁଃଖଦ ମୋଡ଼ରେ ଶେଷ ହେବ।

ମ୍ୟାଚ୍ ଆରମ୍ଭରୁ ରୋହିତ ବେଶ୍ ଆତ୍ମବିଶ୍ୱାସୀ ଦେଖାଯାଉଥିଲେ। ମାତ୍ର ଷଷ୍ଠ ଓଭରର ଚତୁର୍ଥ ବଲ୍ ସବୁକିଛି ଓଲଟପାଲଟ କରିଦେଲା । ରୋହିତ ଏକ ସୁନ୍ଦର ଶଟ୍ ଖେଳି ରନ୍ ପାଇଁ ଦୌଡ଼ିବାକୁ ଚେଷ୍ଟା କରିଥିଲେ। ସେ ନନ-ଷ୍ଟ୍ରାଇକର ଏଣ୍ଡରେ ଥିବା ଶୁବମନ ଗିଲଙ୍କୁ ସଙ୍କେତ ଦେଇ ସାରିଥିଲେ। ରୋହିତ ଅଧା ବାଟକୁ ଚାଲି ଆସିଥିଲେ ମଧ୍ୟ ଗିଲ୍ ନିଜ କ୍ରିଜ୍ ଛାଡ଼ି ନଥିଲେ । ଏହି ତାଳମେଳର ଅଭାବ ଯୋଗୁଁ ରୋହିତ ଶେଷରେ ରନ୍ ଆଉଟ୍ ହୋଇଥିଲେ। ମାତ୍ର ୧୬ ରନ୍‌ରେ ତାଙ୍କ ପାରି ସୀମିତ ରହିଗଲା। ପ୍ୟାଭିଲିୟନ ଫେରିବା ବେଳେ ରୋହିତଙ୍କ ମୁହଁରେ ରାଗ ଅପେକ୍ଷା ଗଭୀର ନିରାଶା ସ୍ପଷ୍ଟ ବାରି ହୋଇ ପଡୁଥିଲା।



ରୋହିତ ଆଉଟ୍ ହେବା ମାତ୍ରେ ସୋସିଆଲମିଡିଆ ପ୍ରଶଂସକଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଥିଲା । ଅନେକ ପ୍ରଶଂସକ ଶୁବମନ ଗିଲଙ୍କୁ ‘ସ୍ୱାର୍ଥପର’ ଆଖ୍ୟା ଦେଇଛନ୍ତି । କାରଣ ଏହା ପ୍ରଥମ ଥର ନୁହେଁ । ୨୦୨୪ରେ ଆଫଗାନିସ୍ତାନ ବିରୋଧରେ ଏକ ଟି-୨୦ ମ୍ୟାଚରେ ମଧ୍ୟ ସମାନ ଢଙ୍ଗରେ ରୋହିତ ରନ୍ ଆଉଟ୍ ହୋଇଥିଲେ, ଯେଉଁଠି ଗିଲଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଥିଲା । ଟୁଇଟରଠାରୁ ଆରମ୍ଭ କରି ଫେସବୁକ୍ ପର୍ଯ୍ୟନ୍ତ, ସବୁଠି ଗୋଟିଏ ଚର୍ଚ୍ଚା- ‘ଗିଲ୍ କ’ଣ ଜାଣିଶୁଣି ରୋହିତଙ୍କ ପାରି ଶେଷ କରୁଛନ୍ତି‘

୩୭ ବର୍ଷୀୟ ରୋହିତ ଶର୍ମାଙ୍କ ପାଇଁ ବର୍ତ୍ତମାନ ସମୟ ସହ ଲଢେଇ କରିବା ଭଳି । ଆଇପିଏଲ୍ ୨୦୨୬ରେ ଆହତ ହେବା ପରେ ତାଙ୍କ ଫିଟନେସକୁ ନେଇ ଅନେକ ଆଲୋଚନା ହେଉଛି। ତାଙ୍କର ଲକ୍ଷ୍ୟ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ୍ । ଏଭଳି ସ୍ଥିତିରେ ପ୍ରତିଟି ପାରି ତାଙ୍କ ପାଇଁ ନିଜର ଶକ୍ତି ପ୍ରମାଣ କରିବାର ଏକ ମାଧ୍ୟମ। ଯଦି ରୋହିତ ବଡ଼ ସ୍କ ?ର କରିବାରେ ବିଫଳ ହୁଅନ୍ତି, ତେବେ ଚୟନକର୍ତ୍ତାମାନେ ଯୁବ ଖେଳାଳିଙ୍କ ଆଡ଼କୁ ମୁହାଁଇବା ନିଶ୍ଚିତ।

ଏହି ଘଟଣା ଭାରତୀୟ ଓପନିଂ ଯୋଡ଼ି ମଧ୍ୟରେ ଥିବା ସମନ୍ୱୟ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି। ରୋହିତଙ୍କ ଅଭିଜ୍ଞତା ଓ ଗିଲଙ୍କ ପ୍ରତିଭା ମଧ୍ୟରେ ଯଦି ଉତ୍ତମ ତାଳମେଳ ରହେ ନାହିଁ, ତେବେ ଦଳ ପାଇଁ ଆଗାମୀ ବିଶ୍ୱକପ୍ ରାସ୍ତା

# ମିଳିଲା ଇଂଲଣ୍ଡ ଫୁଟ୍‌ବଲ୍ ଦଳର କ୍ରୀଡ଼ା ସରଞ୍ଜାମ

**କାନସାସସିଟି,୧୪।୬:** ଇଂଲଣ୍ଡ ଫୁଟ୍‌ବଲ୍ ଦଳର ଚୋରି ହୋଇଥିବା କ୍ରୀଡ଼ା



ସରଞ୍ଜାମ ଉଦ୍ଧାର ହୋଇଛି। ମିସୋରିର ଜାକ୍‌ସନ କାଉଣ୍ଟି ପୁଲିସ ଚୋରି ହୋଇଥିବା ପ୍ରାୟ ୧୭ ଲକ୍ଷ ଟଙ୍କାର ସରଞ୍ଜାମ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୯ ହଳ ଫୁଟ୍‌ବଲ୍ ଜୋତା, ଗୋଟିଏ ଫୁଟ୍‌ବଲ୍ ବଲ୍, ଗୋଟିଏ ଗୋଲ୍ ରକ୍ଷକ ଗ୍ଲୋଭସ୍, ବିଭିନ୍ନ ତାଲିମ ସରଞ୍ଜାମ। ଏହି ମାମଲାରେ ଦୁଇଜଣ ସଂଦିଗ୍ଧଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ମୁସ୍ତାଫା ସାଲିକ୍ ଓ ଏର୍ଫାନ୍ କମଲ। ସେମାନଙ୍କ ଉପରେ ଆମେରିକୀୟ ଆଇନ ଅନୁସାରେ ‘କ୍ଲାସ୍ ?-ଡି ଫେଲୋନି’ ଅଭିଯୋଗ ଲଗାଯାଇଛି। ଏହି ଧାରାରେ ଅଭିଯୋଗ ସାବ୍ୟସ୍ତ ହେଲେ ସେମାନଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ ଭୋଗ କରିବାକୁ ପଡ଼ିପାରେ। ଜବତ ସରଞ୍ଜାମ ଫ୍ଲୋରିଡ଼ାରେ ସ୍ଥାପିତ ଇଂଲଣ୍ଡର ପ୍ରାକ୍-ବିଶ୍ୱକପ୍ ଅଭ୍ୟାସ ଶିବିରରୁ ମିସୋରିର ସ୍‌ବୋପ୍ ଭିଲେଜ୍‌କୁ ଯାଉଥିବାବେଳେ ଚୋରି ହୋଇଯାଇଥିଲା। ଇଂଲଣ୍ଡ ଆସନ୍ତା ୧୮ ତାରିଖରେ ଆମେରିକାର ଡଲାସ୍ ସହରରେ କ୍ରୋଏସିଆକୁ ଭେଟି ନିଜର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

# ୩୬ ବର୍ଷ ପରେ ବିଶ୍ୱକପ୍‌ରେ ସ୍କଟ୍‌ଲାଣ୍ଡର ପ୍ରଥମ ବିଜୟ

**ବୋଷ୍ଟନ,୧୪।୬:** ଗ୍ରୁପ୍ ‘ସି’ର ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୧-୦ରେ ହାଇତିକୁ ପରାସ୍ତ କରିଛି। ଏହା ସହିତ ଫିଫା ବିଶ୍ୱକପ୍‌ରେ ସ୍କଟ୍‌ଲାଣ୍ଡ ପାଇଁ ଦୀର୍ଘ ୩୬ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ଶେଷ ଥର ପାଇଁ ସ୍କଟ୍‌ଲାଣ୍ଡ ୧୯୯୦ରେ ସ୍ୱିଡେନ୍‌କୁ ହରାଇଥିଲା। ଏପରିକି ୨୮ ବର୍ଷ ପରେ ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ଗୋଲ୍ ଦେବାରେ ସକ୍ଷମ ହୋଇଛି ସ୍କଟ୍‌ଲାଣ୍ଡ। ମ୍ୟାଚ୍‌ର ୨୮ ତମ ମିନିଟ୍‌ରେ ଜନ୍ ମାକ୍ ଜିନ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ୍ କରିଥିଲେ। ୨୮ ତମ ମିନିଟ୍‌ରେ ସ୍କଟ୍‌ଲାଣ୍ଡର ଚେ ଆଡାମ୍ସଙ୍କ ଏକ ଉଦ୍ୟମକୁ ପଣ୍ଡ କରିଦେଇଥିଲେ ବିପକ୍ଷ ଗୋଲ୍ କିପର ଜନି ପ୍ଲାସାଇଡ୍। କିନ୍ତୁ ବଲ୍‌ଟି ରିବାଉଣ୍ଡ ହୋଇ ଜନ୍ ମ୍ୟାକଗିନ୍‌ଙ୍କ ପାଖକୁ ଆସିଥିଲା। ମ୍ୟାକଗିନ୍ ସୁଯୋଗକୁ ହାତଛଡ଼ା କରିନଥିଲେ ଓ ସ୍କଟ୍‌ଲାଣ୍ଡ ପାଇଁ ବିଜୟ ସୂଚକ ଏକମାତ୍ର ଗୋଲ୍ କରିଥିଲେ। ତେବେ ୧୯୭୪ ପରେ ପୁଣି ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ହାଇତି ଅପେକ୍ଷାକୃତ ଦୁର୍ବଳ ଦଳ ହେଲେ



ବି ସ୍କଟ୍‌ଲାଣ୍ଡ ଆଉ ଅଧିକ ଗୋଲ୍ କରିପାରିନଥିଲା। ୩୮ ତମ ମିନିଟ୍‌ରେ ହାଇତିର ରୁବେନ ପ୍ରୋଭିଡେନ୍ସଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି ହୋଇଥିଲେ ବି ତାହାକୁ ପଣ୍ଡ କରିଦେଇଥିଲେ ଆରନ୍ ହିକ୍କି। ଶେଷ ବେଳକୁ ହାଇତି ପକ୍ଷରୁ କିଛିଟା ଆକ୍ରମଣ କରାଯାଇଥିଲେ ବି ତାହା ଗୋଲ୍‌ରେ ପରିବର୍ତ୍ତନ ହୋଇପାରିନଥିଲା। ମ୍ୟାଚ୍‌ର ୨୮ ତମ ମିନିଟ୍‌ରେ ଜନ ମାକ୍‌ଜିନ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ କରିଥିଲେ। ୨୮ ତମ ମିନିଟ୍‌ରେ ସ୍କଟ୍‌ଲାଣ୍ଡର ଚେ ଆଡାମ୍ସଙ୍କ ଏକ ଉଦ୍ୟମକୁ ପଣ୍ଡ କରିଦେଇଥିଲେ ବିପକ୍ଷ ଗୋଲ୍‌କିପର୍ ଜନି ପ୍ଲାସାଇଡ୍। କିନ୍ତୁ ବଲଟି ରିବାଉଣ୍ଡ ହୋଇ ଜନ୍ ମ୍ୟାକଗିନ୍‌ଙ୍କ ପାଖକୁ ଆସିଥିଲା। ମ୍ୟାକଗିନ୍ ସୁଯୋଗକୁ ହାତଛଡ଼ା କରିନଥିଲେ ଓ ସ୍କଟେଲାଣ୍ଡ ପାଇଁ ବିଜୟ ସୂଚକ ଏକମାତ୍ର ଗୋଲ୍ କରିଥିଲେ। ତେବେ ୧୯୭୪ ପରେ ପୁଣି ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ହାଇତି ଅପେକ୍ଷାକୃତ ଦୁର୍ବଳ ଦଳ ହେଲେ ବି ସ୍କଟ୍‌ଲାଣ୍ଡ ଆଉ ଅଧିକ ଗୋଲ୍ କରିପାରିନଥିଲା। ୩୮ ତମ ମିନିଟରେ ହାଇତିର ରୁବେନ ପ୍ରୋଭିଡେନ୍ସଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି ହୋଇଥିଲେ ବି ତାହାକୁ ପଣ୍ଡ କରିଦେଇଥିଲେ ଆରନ୍ ହିକ୍କି। ଶେଷ ବେଳକୁ ହାଇତି ପକ୍ଷରୁ କିଛିଟା ଆକ୍ରମଣ କରାଯାଇଥିଲେ ବି ତାହା ଗୋଲ୍‌ରେ ପରିବର୍ତ୍ତନ ହୋଇପାରିନଥିଲା।

# ତୁର୍କୀଏକୁ ହରାଇଲା ଅଷ୍ଟ୍ରେଲିଆ : ନିଶାନଙ୍କ ବିଶ୍ୱକପ ପଦାର୍ପଣ

**ଭାଙ୍କଭର,୧୪।୬:** ଫିଫା ବିଶ୍ୱକପ୍ ଗ୍ରୁପ‘ଡି’ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨-୦ରେ ତୁର୍କୀଏକୁ ହରାଇ ନିଜର ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ନିଶାନ ଭେଲୁପିଲାଇ ବିଶ୍ୱକପ୍ ପଦାର୍ପଣ କରିଛନ୍ତି। ମ୍ୟାଚ୍‌ର ୨୭ ତମ ମିନିଟ୍‌ରେ ନେଷ୍ଟୋରି ଇରାନ୍ କୁଣ୍ଡା ଗୋଲ୍ ଦେଇ ଅଷ୍ଟ୍ରେଲିଆକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ସ୍ଥିତିକୁ ବରାବର କରିବାକୁ ତୁର୍କୀଏ ଉଦ୍ୟମ କରିଥିଲେ ବି ତାହା ଫଳବତୀ ହୋଇପାରିନଥିଲା।



ଦ୍ୱିତୀୟାର୍ଦ୍ଧରେ ବି ତୁର୍କୀଏ ଆକ୍ରାମକ ଖେଳ ପ୍ରଦର୍ଶନ କରି ଗୋଲ୍ ଦେବାକୁ ଉଦ୍ୟମ କରିଥିଲା, କିନ୍ତୁ ଅଷ୍ଟ୍ରେଲିଆର ଶକ୍ତିଶାଳୀ ପ୍ରତିରକ୍ଷା ତାହାକୁ ପଣ୍ଡ କରିଦେଇଥିଲା। ତୁର୍କୀଏ ପକ୍ଷରୁ ଅବଦୁଲକରିମ୍ ବାର୍ଡାକ୍‌ସିଙ୍କ ଏକ ସଟ୍‌କୁ ଅଷ୍ଟ୍ରେଲିଆ ଗୋଲ୍‌ରକ୍ଷକ ପାଟ୍ରିକ ବିଟ୍ ଅତ୍ୟନ୍ତ ଚମତ୍କାରଭାବେ ପଣ୍ଡ କରିବା ସହ ଏକ ନିଶ୍ଚିତ ଗୋଲ୍ ହେବାରୁ ରକ୍ଷା କରିଦେଇଥିଲେ। ତେବେ ମ୍ୟାଚ୍ ?ର ୭୫ତମ ମିନିଟ୍‌ରେ କନର୍ ମେଟ୍ କାଫେ ଅଷ୍ଟ୍ରେଲିଆ ତରଫରୁ ଦ୍ୱିତୀୟ ଗୋଲ୍ ଦେଇ ସ୍ଥିତିକୁ ୨-୦କୁ ଆଣିଥିଲେ।

## ଚେସ୍ ଆର୍ବିଟର୍ ଲାଇସେନ୍ସ ପରୀକ୍ଷା

# ଭବାନୀ, ରତୁକ ଓ ମନୋଜ ଆଣିଲେ ଓଡ଼ିଶା ପାଇଁ ଗୌରବ

**ଭୁବନେଶ୍ୱର,୧୪।୬:** ସର୍ବଭାରତୀୟ ଚେସ୍ ସହାସଂଘ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ମେ’ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ଜାତୀୟ ସିନିୟର୍ ? ଆର୍ବିଟର୍ (ଏସ୍‌ଏ) ପରୀକ୍ଷାରେ ଓଡ଼ିଶାର ଖେଳାଳିମାନେ ଦମଦାର ପ୍ରଦର୍ଶନ କରିବା ସହ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି । ଏହି ଦୁଇ ଦିନିଆ ପରୀକ୍ଷାକୁ ଆନ୍ତର୍ଜାତୀୟ ଆର୍ବିଟର ଆର୍ ? ଅନନ୍ତରମଣ ସଫଳତାର ସହ ପରିଚାଳନା କରିଥିଲେ । ଏହି ଜାତୀୟ ସ୍ତରର ପରୀକ୍ଷାରେ ଓଡ଼ିଶାର ବହୁ ପ୍ରତିଭାବାନ ଚେସ୍ ବ୍ୟକ୍ତିତ୍ୱ ଭାଗ ନେଇ ନିଜର ଯୋଗ୍ୟତା ପ୍ରମାଣିତ କରିଛନ୍ତି । ଏହି ସମ୍ମାନଜନକ ପରୀକ୍ଷାରେ ବଲାଙ୍ଗୀରର ଭବାନୀ ମେହେର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଟକ ଏସ୍ ?ଆର ଚେସ୍ କେନ୍ଦ୍ରର ରତୁକ ସାହୁ ଦ୍ୱିତୀୟ ଏବଂ କଳାହାଣ୍ଡିର ମନୋଜ କୁମାର ହୋତା ତୃତୀୟ ସ୍ଥାନରେ ରହି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ଏହାସହ ସର୍ବୋଚ୍ଚ ନମ୍ବର ରଖି ମାନସ ରଂଜନ ପଟ୍ଟନାୟକ, ନିରୁପମା ପୃଷ୍ଟି, ଅନିକେତ ଡାନି ଓ ଗୌରହରି ମହାପାତ୍ର ‘ଏ’ ଗ୍ରେଡ୍ ହାସଲ କରିଛନ୍ତି । ଅନ୍ୟପଟେ ଶୁଭାଶିଷ ପଟ୍ଟନାୟକ, ମନୋଜ କୁମାର ପରିଡ଼ା, ଶରତ କୁମାର ଦାସ, ନାରାୟଣ ଦାସ, ଲଲାଟ କେଶରୀ ସାମଲ, ବିକ୍ରମ କେଶରୀ ବିଶ୍ୱାଳ ଏବଂ ଶୁକଦେବ ଗୁରୁ ‘ବି’ ଗ୍ରେଡ୍ ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଅଭିଷେକ ପଟ୍ଟନାୟକ, ପ୍ରଣମ କୁମାର ମହାନ୍ତି, ସମୀର କୁମାର ପଟ୍ଟନାୟକ, ବିସ୍ମିତା ସାହୁ, ସଂଘମିତ୍ରା ଷଡ଼ଙ୍ଗୀ, ଚନ୍ଦ୍ରଶେଖର ମିଶ୍ର ଓ ଡକ୍ଟର ଅମରେଶ ସାହୁ ମଧ୍ୟ ‘ବି’ ଗ୍ରେଡ୍ ? ପାଇବା ସହ ଜାତୀୟ ସିନିୟର୍ ଆର୍ବିଟର ଲାଇସେନ୍ସ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଅଭୂତପୂର୍ବ ସଫଳତା ପାଇଁ ସମସ୍ତ କୃତୀ ସିନିୟର୍ ଆର୍ବିଟରଙ୍କୁ ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଂଜନ ପଟ୍ଟନାୟକ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, କୋଷାଧ୍ୟକ୍ଷ ବିବି ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ମହାନ୍ତି ଏବଂ ପଦ୍ମିନୀ ସିଂହ ପ୍ରମୁଖ ସାଧୁବାଦ ଓ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ